## ସଂକ୍ଷେପରେ

### ରାଜେନ୍ଦ୍ରପୁର ପଞ୍ଚାୟତରେ ଚାରାରୋପଣ



**ରସୁଲପୁର,୨୨।୧୦ (ଡି.ଏନ.ଏ.):** ରସୁଲପୁର ବ୍ଲକ ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତ ପକ୍ଷରୁ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବବିତା ପୋଥାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତ, ବିଡିଓ ଅବନିକାନ୍ତ ସାହୁ, ଯୁବନେତା ମନୋଜ କୁମାର ରାଉତ, ସମିତିସଭ୍ୟ ଟିକି ଦଳାଇ, ନାଏବ ସରପଞ୍ଚ ଅଞ୍ଜନା ଦାଶ, ପୂର୍ବତନ ସମିତିସଭ୍ୟ ଅମୂଲ୍ୟ ଦାସ, ବ୍ରଜକିଶୋର ପୋଥାଲ, ଶଙ୍କର୍ଷଣ ଦଳାଇ, ରାମଚନ୍ଦ୍ର ଆରଣ, ଫଣୀନ୍ଦ୍ର ମିଶ୍ର, ପଦ୍ମନାଭ ସିଂ, ସଞ୍ଜୟ ଭୋଇ, ମନୋଜ ସାହୁ ଓ କୈଳାସ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଭିନ୍ନ ସ୍ଥାନରେ ଚାରାରୋପଣ କରିଥିଲେ। ପଞ୍ଚାୟତର ମଙ୍ଗଳା ପୋଖରୀ, ଗଙ୍ଗାଧରପୁର ଉ.ପ୍ରା ବିଦ୍ୟାଳୟ, ହାଟସାହି କରଜଙ୍ଗା ନୋଡାଲ ଉ.ପ୍ରା ବିଦ୍ୟାଳୟ, ଇଶାନେଶ୍ୱର ଉଚ୍ଚ ବିଦ୍ୟାଳୟ, ଲକ୍ଷ୍ମୀ ପୋଖରୀ, କରଜଙ୍ଗା ଆମ୍ବତୋଟା ଆଦି ସ୍ଥାନରେ ଚାରାରୋପଣ କରାଯାଇଥିଲା। ଅତିଥିମାନେ ଗଛ ଲଗାଇବା ପରେ ପଞ୍ଚାୟତ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ ଉପରେ ବିଶେଷ ଗୁରୁତ୍ୱଦେବାକୁ ଜନପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ପ୍ରତ୍ୟେକ ବର୍ଷ ବ୍ଲକ ଅଞ୍ଚଳରେ ଲାଗୁଥିବା ବୃକ୍ଷର ସ୍ଥିତି ଅନୁଧାନ କରାଯିବ। ଗଛଗୁଡ଼ିକ ନ ବଞ୍ଚିଲେ ପଞ୍ଚାୟତରେ କାର୍ଯ୍ୟରତ କର୍ମଚାରୀଙ୍କୁ ତା'ର ଉପଯୁକ୍ତ କାରଣ ଦର୍ଶାଇବାକୁ ହେବ ବୋଲି ବିଡିଓ ସାହୁ

### ନୂତନ ବ୍ଲକ ଶିକ୍ଷାଧିକାରୀଙ୍କ ଯୋଗଦାନ

**ବିଞ୍ଝାରପୁର,୨୨।୧୦(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଶିକ୍ଷାଧିକାରୀ(ବିଇଓ) ଭାବେ ଶୁକ୍ରବାର ସୁବାସ ଚନ୍ଦ୍ର ବିଶ୍ୱାଳ ଯୋଗଦାନ କରିଛନ୍ତି। ଏହି ଅବସରରେ ବ୍ଲକ ପ୍ରାଥମିକ ଶିକ୍ଷକ ଫେଡେରେଶନ ଓ ବିଇଓ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଶ୍ୱାଳ ପୂର୍ବରୁ କେନ୍ଦ୍ରାପଡା ଜିଲା ସଦରରେ ଅତିରିକ୍ତ ବିଇଓ ଭାବେ କାର୍ଯ୍ୟ କରୁଥିଲେ। ଗଣଶିକ୍ଷା ବିଭାଗ ଚିଠି ନଂ.୨୧୮୫୪/୧୮।୧୦।୨୨ ଅନୁଯାୟୀ ବିଶ୍ୱାଳଙ୍କର ପଦୋନ୍ନତି ହୋଇଛି। ବିଶ୍ୱାଳ ପ୍ରଥମେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଯୋଗଦାନ କରିଥିଲେ। ସେଠାରୁ ଅପରାହ୍ନରେ ବିଞ୍ଝାରପୁର ଯାଇ କାର୍ଯ୍ୟଭାର ଗ୍ରହଣ କରିଥିଲେ। ବିଆର୍‌ସିସି ସେକ୍ ନିଜାମୁଦ୍ଦିନ, ମୁଖ୍ୟକିରାଣି ହେମନ୍ତ ମହାନ୍ତି, ସତ୍ୟବ୍ରତ ପାଢ଼ୀ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ଅକ୍ଷୟ କୁମାର ସାମଲ, କ୍ଷୀରୋଦ ମଲିକ, ବୈଦ୍ୟନାଥ ପରିଡା, ଆଶାଦୁଲ୍ଲା ଖାନ, ସୁବାସ ଚନ୍ଦ୍ର ନାୟକ, ସାମସୁଦ୍ଦିନ ସେକ, ରଞ୍ଜନ କୁମାର ଧଳ, ପ୍ରଫୁଲ୍ଲ କୁମାର ଯେନା ଓ ଅକ୍ଷୟ କୁମାର ସେଠୀ ପ୍ରମୁଖ ବିଇଓ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ପ୍ରାଣୀଧନ ଚିକିତ୍ସାରେ ଆୟୁର୍ବେଦର ବଡ଼ ଅବଦାନ

**ଆଜି ବିଶ୍ୱ ଆୟୁର୍ବେଦ ଦିବସ**

■ ଉତ୍କଳିକା ସମିତି ପ୍ରାଣୀ ଚିକିତ୍ସା ଓ ଗବେଷଣା କେନ୍ଦ୍ରର ପ୍ରୟାସ ପ୍ରଶଂସନୀୟ

ରସୁଲପୁର,୨୨।୧୦ (ଡି.ଏନ.ଏ.)

ଅକ୍ଟୋବର ୨୩କୁ ବିଶ୍ୱ ଆୟୁର୍ବେଦ ଦିବସ ଭାବେ ପାଳନ କରାଯାଉଛି। ଜୀବଜଗତର ସୁରକ୍ଷା ପାଇଁ ଆୟୁର୍ବେଦ ଚିକିତ୍ସା ପ୍ରକୃତିର ଅବଦାନ। ଏହାକୁ ମଣିଷ ସମାଜ ସ୍ଥୂଳ ଚିନ୍ତା ଓ ଚେତନାରେ ଅନୁଭବ କରିବା ସମ୍ଭବ ହେଉନାହିଁ। ମାତ୍ର ଜୀବଜଗତ ସୃଷ୍ଟି ହେବାଠାରୁ ଆୟୁର୍ବେଦ ଚିକିତ୍ସା ପ୍ରଣିତ ହୋଇଆସୁଛି। ମୁନୀଋଷିଙ୍କ ଯୁଗରେ ଏହି ଚିକିତ୍ସା ପଦ୍ଧତି ବିଶେଷ ଆଦୃତ ହୋଇଥିଲା। ତେବେ ଆଧୁନିକ ସମାଜରେ ବିକଳ୍ପ ଚିକିତ୍ସା ବ୍ୟବସ୍ଥାର କଳାଚାଦର ଆୟୁର୍ବେଦ ଚିକିତ୍ସାକୁ ଢାଙ୍କି ଦେଇଛି। ମାତ୍ର ଦୀର୍ଘ ୩୦ ହେଲା ଉତ୍କଳିକା ସମିତି ପକ୍ଷରୁ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଆୟୁର୍ବେଦ ବ୍ୟବହାରିକ ଉପଚାରକୁ ନେଇ ଗବେଷଣା କରାଯାଇଆସୁଛି। ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳର ପ୍ରତିଷ୍ଠିତ ଏହି ସଂଗଠନର ପ୍ରାଣୀ ଚିକିତ୍ସା ଓ ଗବେଷଣା କେନ୍ଦ୍ର ପକ୍ଷରୁ ପ୍ରାଣୀ ସମ୍ପଦର ସୁରକ୍ଷା ଏବଂ ପଶୁପାଳକଙ୍କୁ ଲାଭବାନ କରାଇବା କ୍ଷେତ୍ରରେ ଆୟୁର୍ବେଦର ଭୂମିକାକୁ ନେଇ ଗବେଷଣା କରାଯିବା ସହ ତା'ର ବ୍ୟବହାରିକ ଦିଗ ପ୍ରତି ଲୋକଙ୍କୁ ସଚେତନ କରାଯାଉଛି। ମହାଭାରତ ସମର ସମୟରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଆୟୁର୍ବେଦ ଚିକିତ୍ସାକୁ ପ୍ରାଧାନ୍ୟ ଦିଆଯାଉଥିଲା। ଯୁଦ୍ଧରେ ନିୟୋଜିତ ହାତୀ, ଘୋଡ଼ା ଭଳି ଆହତ ପ୍ରାଣୀଙ୍କୁ ଚିକିତ୍ସା ପାଇଁ ଆୟୁର୍ବେଦ ଔଷଧର ଉପଚାର ଉପରେ ନିର୍ଭର କରାଯାଉଥିଲା। ବୈଦ୍ୟରାଜମାନେ ଏହି ଚିକିତ୍ସା ସମ୍ପର୍କରେ ପାଣ୍ଡିତ୍ୟ ଅର୍ଜନକରି ଚିକିତ୍ସା ପଦ୍ଧତି ସମ୍ପର୍କରେ ପ୍ରାଣୀଧନ ପାଳକଙ୍କୁ ଉପଚାର ସମ୍ପର୍କିତ ନିର୍ଦ୍ଦେଶ ଦେଉଥିଲେ। ତଦନୁଯାୟୀ ଏହି ଚିକିତ୍ସା ପଦ୍ଧତିକୁ ଅନୁସରଣ କରାଯାଇ ସମାଜରେ ଲକ୍ଷାଧିକ ପ୍ରାଣୀଙ୍କୁ ଆରୋଗ୍ୟ କରାଯାଇ ପାରୁଥିବା ବହୁ ଉଦାହରଣ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କରାଯାଇଥିବା ଆକଳନ ଅନୁଯାୟୀ ବିଶ୍ୱରେ ଶତକଡା ୮୦ଭାଗ ଗୃହପାଳିତ ପ୍ରାଣୀଙ୍କ ଆୟୁର୍ବେଦ ପଦ୍ଧତିରେ ଚିକିତ୍ସା କରାଯାଉଛି।

୧୯୮୦ରୁ ଏହି ଚିକିତ୍ସା ପଦ୍ଧତିକୁ ଅଧିକ ଶାଣିତ ଓ ସୁଦୃଢ଼ ପାଇଁ ଆୟୁଷ ମନ୍ତ୍ରଣାଳୟ ଓ ବିଭିନ୍ନ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଅନେକ ଗବେଷଣା, ଅଧ୍ୟୟନ, ସମ୍ମିଳନୀ ଓ କର୍ମଶାଳା ଆୟୋଜନ କରାଯାଉଛି। ବିଲୁପ୍ତପ୍ରାୟ ଏହି ଜ୍ଞାନର ପ୍ରସାର ପାଇଁ ଉତ୍କଳିକା ସମିତି ପକ୍ଷରୁ କରାଯାଉଥିବା ଅନବରତ ପ୍ରୟାସ ପ୍ରଶଂସନୀୟ ଓ ଜନାଦୃତ ହୋଇପାରିଛି। ଏହି ଅନୁଷ୍ଠାନ ପକ୍ଷରୁ ବିଶେଷକରି ଦୁଗ୍ଧ ଉତ୍ପାଦନ ବଢ଼ାଇବା ପାଇଁ ଦେଶ ବାହାରୁ ଉନ୍ନତ ଜାତୀୟ ଗାଈ ଓ ଦେଶୀ ଗାଈଙ୍କୁ ସଙ୍କରୀକରଣ ପ୍ରକ୍ରିୟାରେ ଦୁଧିଆଳି ଗାଈରେ ପରିଣତ କରାଯାଉଥିଲା। ତେବେ ଏହାର କୁପ୍ରଭାବ ଯୋଗୁ ଦୁଗ୍ଧ ପ୍ରାଣୀଙ୍କଠାରେ ଆଣ୍ଟିମାଇକ୍ରୋବାଏଲ ବ୍ୟବହାର କରାଯାଉଛି। ଏହାଦ୍ୱାରା ଉତ୍ପାଦିତ ପ୍ରାଣୀଜାତ ଦ୍ରବ୍ୟରେ ଆଣ୍ଟିମାଇକ୍ରୋବାଏଲର ପ୍ରତିରୋଧ ପାଇଁ ପାରମ୍ପାରିକ ଆୟୁର୍ବେଦ ଚିକିତ୍ସା ବିକଳ୍ପ ଭାବେ ଛିଡ଼ା ହୋଇଛି। ଏହା ଜନାଦୃତ ହୋଇପାରୁଛି। ଏହାଛଡ଼ା ପ୍ରତିଷ୍ଠାନ ପକ୍ଷରୁ ନିରନ୍ତର ପ୍ରାଣୀଧନ ପାଳକଙ୍କୁ ପରିବେଶ ଅନୁକୂଳ ଆୟୁର୍ବେଦ ଚିକିତ୍ସା ଉପରେ କରାଯାଉଥିବା ପ୍ରୟାସ ସଫଳ ରୂପାୟନ ହୋଇପାରିଛି। ଏହି ପ୍ରକ୍ରିୟାରେ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂର ସହ ମାନବ ସମାଜର ଖାଦ୍ୟ ସୁରକ୍ଷା, ବିନା ଡ୍ରଗ୍‌ରେ ଅବଶିଷ୍ଟ ଖାଦ୍ୟ ଉତ୍ପାଦନରେ ସହାୟକ ହୋଇପାରୁଛି ବୋଲି ଅନୁଷ୍ଠାନ ସମ୍ପାଦିକା ଅଳକା ଆଏଚ ମତ ରଖିଛନ୍ତି। ବିଭିନ୍ନ ସ୍ଥାନରେ ଆୟୁର୍ବେଦ ଚିକିତ୍ସା ପ୍ରୟୋଗ କରାଯାଉଥିବା ପ୍ରାଣୀ ଚିକିତ୍ସାକୁ ପଞ୍ଜୀକରଣ କରାଯିବା ଓ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ସେବା ସମସ୍ୟା ସମାଧାନ ପାଇଁ ଆଧୁନିକ ଚିକିତ୍ସା ପ୍ରଣାଳୀ ଏବଂ ଆୟୁର୍ବେଦ ଚିକିତ୍ସା ପ୍ରଣାଳୀକୁ ଏକତ୍ରୀକରଣ କରି ପୁରାତନ ଚିକିତ୍ସା ପଦ୍ଧତିକୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ଅନୁଷ୍ଠାନ ଲକ୍ଷ୍ୟ ରଖିଛି ବୋଲି ସମ୍ପାଦିକା ଆଏଚ ସୂଚନା ଦେଇଛନ୍ତି।

# ଝାଡୁ ଦେଇଛି ରୋଜଗାର, ପରିଚୟ

କାଏମା,୨୨।୧୦(ଡି.ଏନ.ଏ.)



କଷ୍ଟି ବେହେରା

ଓଡ଼ିଶା ହେଉଛି କଳା, ସଂସ୍କୃତି ଓ ପରମ୍ପରାର ରାଜ୍ୟ। ବିଭିନ୍ନ କଳାର ସୃଷ୍ଟି ହୋଇଛି ଏହି ପ୍ରଦେଶରେ। ଏଠାରେ ଝାଡୁ(ପହଁରା) ତିଆରି କରିବାର ନିଆରା କଳା ପାଇଛନ୍ତି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ପଞ୍ଚାୟତ ନୂଆସାହି ଗ୍ରାମର କଷ୍ଟି ବେହେରା। ତାଙ୍କ ବୟସ ୫୬ ବର୍ଷ। କରୋନା ଲକ୍‌ଡାଉନ୍‌ରେ ଘରେ ବସିବା ପହଁରା ତିଆରି ପାଇଁ ତାଙ୍କୁ ଉପାୟ ଜୁଟିଥିଲା। ସେ ଆଖପାଖ ଗାଁ ବୁଲି ନଡ଼ିଆ ପିଞ୍ଛ, ଟର୍ଚ୍ଚ ଖୋଳ, ପ୍ଲାଷ୍ଟିକ ବୋତଲ ଆଦି ଯୋଗାଡ଼ କରି ବିଭିନ୍ନ ପ୍ରକାର ପହଁରା ତିଆରି କରନ୍ତି। ତାହାକୁ ଠେଙ୍ଗା ପହଁରା ଓ ଭେରାଇଟି କଲର ପହଁରା ନାଁ ଦେଇ ସେ ସ୍ଥାନୀୟ ଅଞ୍ଚଳରେ ପରିଚିତ ହୋଇଛନ୍ତି। ଠେଙ୍ଗା ପହଁରାର ବହୁତ୍ ବ୍ୟବହାର ମେଡିକାଲ ଓ ସ୍କୁଲଗୁଡ଼ିକରେ ଦେଖିବାକୁ ମିଳୁଛି। କଷ୍ଟି ବେହେରା କହିଛନ୍ତି, ବିଭିନ୍ନ ପ୍ରକାର ପହଁରାକୁ ସେ ୩୦ରୁ ୭୦ ଟଙ୍କାରେ ବିକ୍ରି କରନ୍ତି। ଯାଜପୁରରୁ ଢେଙ୍କାନାଳ, କଳାହାଣ୍ଡି ଓ କୋଲକାତା ପର୍ଯ୍ୟନ୍ତ ତାହାକୁ ସେ ପଠାଇଥାନ୍ତି। ଏପରିକି ଗାଁ ଗାଁ ବୁଲି ପହଁରା ବିକ୍ରି କରିଥାନ୍ତି। ଏଣେତେଣେ ପିଙ୍ଗି ଦେଉଥିବା ବିଭିନ୍ନ ପ୍ଲାଷ୍ଟିକ ଜିନିଷକୁ ଯୋଗାଡ଼ କରି ନିଜ ଜ୍ଞାନକୌଶଳରେ ତାହାକୁ ବ୍ୟବହାର କରି ଅତି ସୁନ୍ଦର ଭାବରେ ପହଁରା ତିଆରି କରିବାରେ ସେ ସିଦ୍ଧହସ୍ତ। କଷ୍ଟିଙ୍କ ସ୍ତ୍ରୀ ଓ ପୁଅ ମିଶି ୩ ଜଣ ଏଭଳି ଭେରାଇଟି ପହଁରା ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ବର୍ତ୍ତମାନର ଆଧୁନିକ ଯୁଗରେ ପହଁରାର ଆବଶ୍ୟକତା କମି କମି ଯାଉଛି। ବଜାର ସୁବିଧା ନ ଥିବାରୁ ଏବେ ବ୍ୟବସାୟ କମିଯାଉଛି ବୋଲି ସେ କହିଛନ୍ତି। ଏହି ବର୍ଜ୍ୟ ସାମଗ୍ରୀ ଏଣେତେଣେ ପଡି ପରିବେଶ ଦୂଷିତ ହେଉଥିବାରୁ ତାକୁ ସଂଗ୍ରହ କରି ବ୍ୟବସାୟରେ ଲଗାଇବା ଯୋଗୁ ପ୍ରଦୂଷଣ କିଛିମାତ୍ରାରେ ନିୟନ୍ତ୍ରଣ ମଧ୍ୟ ହୋଇପାରୁଛି।

# ଦଶରଥପୁର ବ୍ଲକ୍ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ



ସମ୍ମିଳନୀରେ ଯୋଗ ଦେଇଥିବା ଓଷ୍ଟାର କର୍ମକର୍ତ୍ତା।

ଝୁଣ୍ଟୁରୀ,୨୨।୧୦(ଡି.ଏନ୍.ଏ.)

ଦଶରଥପୁର ବ୍ଲକ୍ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ଶନିବାର ଛଚିଣା ପଞ୍ଚାୟତସ୍ଥ ବଉଳେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୧୭ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ। ପ୍ରଥମେ ପତାକା ଉତ୍ତୋଳନ କରାଯିବା ସହ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସମ୍ମିଳନୀକୁ ପ୍ରାକ୍ତନ ଜିଲା ସଭାପତି ଧନଞ୍ଜୟ କେଶରୀ ରାଉତରାୟ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଶିଶିର କୁମାର ଶତପଥୀ ସମ୍ପାଦକୀୟ ପାଠ କରିଥିବାବେଳେ ଅତିଥିଭାବେ ଜିଲା ସଭାପତି ସୁନନ୍ଦ କୁମାର ରାଉତ, ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ପୀତାମ୍ବର ସ୍ୱାଇଁ ଓ ଦିଗମ୍ବର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ସଂଘର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ରମେଶ ଚନ୍ଦ୍ର ସାମଲ ସଭାପତି ହୋଇଥିବାବେଳେ ଜ୍ୟୋସ୍ନାରାଣୀ ଜେନା, ପ୍ରଦୀପ କୁମାର ସାହୁ ଉପସଭାପତି, ଶ୍ରୀକାନ୍ତ ସାହୁ ସମ୍ପାଦକ, ସଞ୍ଜୟ କୁମାର ଲେଙ୍କା, ସଞ୍ଜୁଲତା ମହାନ୍ତି ସହସମ୍ପାଦକଭାବେ ନିର୍ବାଚିତ ହୋଇଛନ୍ତି। ଶିକ୍ଷକ ଉମେଶ ଚନ୍ଦ୍ର ମହାପାତ୍ର, ଧୀରେନ୍ଦ୍ର କୁମାର ଜେନା, କରୁଣାକର ସାହୁ, ଅନୱାର ଅଲ୍ଲୀ, କଳ୍ପତରୁ ରାଉତ, ଅଶୋକ କୁମାର ନାୟକ, ସୁରେନ୍ଦ୍ର କୁମାର ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨ ପୂର୍ବତନ ବିଧାୟକ, ୫ ଖବରଦାତା ସମ୍ବର୍ଦ୍ଧିତ ହେବେ

ଧର୍ମଶାଳା,୨୨।୧୦(ଡି.ଏନ.ଏ.)

ଗୋକର୍ଣ୍ଣିକା ସାହିତ୍ୟ ସମାଜର ୪୮ତମ ପ୍ରତିଷ୍ଠା ଦିବସ ଆସନ୍ତା ୨୮ ତାରିଖ ପୂର୍ବାହ୍ନରେ ଜାରକା ନିକଟସ୍ଥ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ଏଥିରେ ୨ ପୂର୍ବତନ ବିଧାୟକ ଓ ୫ ବରିଷ୍ଠ ଖବରଦାତାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ସେମାନେ ହେଲେ ଧର୍ମଶାଳା ପୂର୍ବତନ ବିଧାୟକ ରବି ଲାବଣ୍ୟ ଓ ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତ, ବରିଷ୍ଠ ଖବରଦାତା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ସୀତାକାନ୍ତ ସାମଲ ଓ ଗୁଲାମ ଗସ୍। ଏନେଇ ଅନୁଷ୍ଠାନ ସଭାପତି ରମାକାନ୍ତ ଜେନା ଓ ସାଧାରଣ ସମ୍ପାଦକ ହୃଷୀକେଶ ସାମଲ ଏକ ପ୍ରେସ୍ ବିବୃତିରେ ଘୋଷଣା କରିଛନ୍ତି। ଉତ୍ସବରେ ଅତିଥିଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଡ. ଧରଣୀଧର ସାହୁ, ବ୍ୟାସନଗର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଡ. ନିରଞ୍ଜନ ଶତପଥୀ, ବିଶିଷ୍ଟ କବି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ସଦସ୍ୟ ଅମରେଶ ପଟ୍ଟନାୟକ ଯୋଗଦେବେ। ଏହି ସ୍ମରଣୀୟ ମୁହୂର୍ତ୍ତରେ ସାହିତ୍ୟପ୍ରେମୀ ଯୋଗଦେବାକୁ ଜେନା ଓ ସାମଲ ଅନୁରୋଧ କରିଛନ୍ତି। ୧୯୭୪ ଅକ୍ଟୋବର ୨୭ ତାରିଖ ସନ୍ଧ୍ୟାରେ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ଏହି ଅନୁଷ୍ଠାନ ଆରମ୍ଭ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଆଜୀବନ ସଭାପତି ଥିଲେ ବିଶିଷ୍ଟ ପ୍ରାବନ୍ଧିକ ସ୍ୱର୍ଗତ ବୈକୁଣ୍ଠନାଥ ରଥ।

# ମହାମାୟୀ ଚଣ୍ଡୀମାତା ମନ୍ଦିର ପ୍ରତିଷ୍ଠା ଉତ୍ସବ



କଳିଙ୍ଗନଗର,୨୨।୧୦(ଡି.ଏନ.ଏ.)

କଳିଙ୍ଗନଗର ଶିଳ୍ପାଞ୍ଚଳର ଅରାସାହି ଗ୍ରାମରେ ପ୍ରାୟ ହଜାରେ ବର୍ଷ ପୁରୁଣା ମା' ଚଣ୍ଡିଙ୍କ ପୀଠରେ ମହାମାୟୀ ଚଣ୍ଡୀ ମାତା ମନ୍ଦିର ପ୍ରତିଷ୍ଠା ହୋଇଛି। ମା'ଙ୍କ ଏହି ମନ୍ଦିର ପଶ୍ଚିମାମୁଖା ହୋଇଥିବାରୁ ତାହା ଏହି ଅଞ୍ଚଳରେ ନିଆରା ବୋଲି କୁହାଯାଇଛି। ବୁଧବାର କଳସ ଶୋଭାଯାତ୍ରା, ଚଣ୍ଡୀପାଠ ଆଦି ପୂଜାର୍ଚ୍ଚନା ପରେ ଶୁକ୍ରବାର ପୂର୍ଣ୍ଣାହୁତି ପଡ଼ିଥିଲା। ଏହି ଅବସରରେ ଗ୍ରାମବାସୀଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏଥିରେ ଶ୍ରୀଧର ଜେନା ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବାବେଳେ ଶ୍ରୀକାନ୍ତ ପଣ୍ଡା, ବସନ୍ତ କୁମାର ମିଶ୍ର ଓ ତ୍ରିଲୋଚନ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ସମରେନ୍ଦ୍ର ଜେନା, ହଳଧର ଜେନା, କୃପାସିନ୍ଧୁ ଜେନା, ସନ୍ତୋଷ ଜେନା, ଅମରେନ୍ଦ୍ର ଜେନା, ମହେନ୍ଦ୍ର ଜେନା, ଦେବାଶିଷ ଜେନା, ଜିତେନ୍ଦ୍ର ଜେନା, ଚନ୍ଦନ ଜେନା, ନନ୍ଦନ ଜେନା, ଜ୍ଞାନରଞ୍ଜନ ଜେନା, ବିଶ୍ୱରଞ୍ଜନ ଜେନା ପ୍ରମୁଖ ପ୍ରତିଷ୍ଠା ଉତ୍ସବରେ ସହଯୋଗ କରିଥିଲେ।

# ବାଣୀପୀଠ ବିଦ୍ୟାଳୟ ସମର ଶିକ୍ଷାର୍ଥୀ ବାହିନୀଙ୍କ କୃତିତ୍ୱ

ଧର୍ମଶାଳା,୨୨।୧୦(ଡି.ଏନ.ଏ)



ଶିକ୍ଷକଙ୍କ ଗହଣରେ କୃତିତ୍ୱ ହାସଲ କରିଥିବା ୨ ଛାତ୍ରୀ।

ଧର୍ମଶାଳା ବ୍ଲକ ଅଧୀନ ବାଣୀପୀଠ ସରକାରୀ ଉଚ୍ଚ ବିଦ୍ୟାଳୟ ମହିଳା ସମର ଶିକ୍ଷାର୍ଥୀ ବାହିନୀର ୨ ଛାତ୍ରୀ ବାଙ୍ଗାଲୋରରେ ଅନୁଷ୍ଠିତ 'ଏକଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମରେ ଭାଗ ନେଇ କୃତିତ୍ୱ ହାସଲ କରିଛନ୍ତି। ୧୦ମ ଶ୍ରେଣୀ ଛାତ୍ରୀ ସୁପ୍ରିୟା ସାହୁ ଓ ଅଙ୍କିତା ରାଉତ ଆରୋପେସ ବାଙ୍ଗାଲୋରରେ ଅନୁଷ୍ଠିତ ଏହି କ୍ୟାମ୍ପରେ ଭାଗନେଇ ଇସ୍ରୋ, ଶତିସ ଧାବନ ରିସର୍ଚ୍ଚ ସେଣ୍ଟର, ଶ୍ରୀହରିକୋଟା ଏବଂ ହାଲ ପରିସରରେ ହୋଇଥିବା ଗବେଷଣାକୁ ପର୍ଯ୍ୟବେକ୍ଷଣ କରିଥିଲେ। ଏଥିସହିତ ବିଭିନ୍ନ ସାଟେଲାଇଟ, ଡ୍ରୋନ, ରକେଟ ଏବଂ ଯୁଦ୍ଧ ଯାହାଜର କାର୍ଯ୍ୟକାରିତାକୁ ଅନୁଧାନ କରିଥିଲେ। ସେଠାରୁ ଫେରିବା ପରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବାସୁଦେବ ରାଉଳ ଉଭୟ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଏମାନେ ଧର୍ମଶାଳାର ଗର୍ବ ଓ ଗୌରବ ବୋଲି ମତବ୍ୟକ୍ତ କରିଥିଲେ।

# ଜରିରେ ବିଜେଡିର ସମ୍ବର୍ଦ୍ଧନା ସଭା

ସିଂହପୁର ୨୨।୧୦ (ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଜରି ପଞ୍ଚାୟତରେ ବିଜେଡି ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜରି ହରିଚନ୍ଦନ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପଞ୍ଚାୟତ ବିଜେଡି ସଭାପତି ଉମେଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଂଗ୍ରେସ ଓ ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିବା କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରାକ୍ତନ ଯୁବ କଂଗ୍ରେସ ସଭାପତି ମନୋଜ ସାମଲଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ସ୍ୱପ୍ନା ମଞ୍ଜରୀ ଲେଙ୍କା, ପ୍ରହଲ୍ଲାଦ ମଲିକ, ମନୋରମା ଜେନା, ଦୁଷ୍ମନ୍ତ ମଲିକ, ହରେକୃଷ୍ଣ ଜେନା, ସତ୍ୟପ୍ରିୟ ମଲିକ ଓ ନିତ୍ୟାନନ୍ଦ ମଲିକଙ୍କ ସମେତ ବହୁ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସରପଞ୍ଚ ନନ୍ଦକିଶୋର ମଲିକ, ସମିତିସଭ୍ୟା ଅନସୁୟା ମଲିକ ଉପସ୍ଥିତ ଥିଲେ।

# ନିମ୍ନମାନ ରାସ୍ତା ନିର୍ମାଣ ବନ୍ଦ କଲେ ଗ୍ରାମବାସୀ

ବ୍ରହ୍ମବରଦା,୨୨।୧୦(ଡି.ଏନ.ଏ.)

ରସୁଲପୁର ବ୍ଲକ୍ ଅନ୍ତର୍ଗତ ବନ୍ଧଡ଼ିହ ପଞ୍ଚାୟତସ୍ଥିତ ଆର୍‌ଡି ରୋଡ୍‌ଠାରୁ ମଠସାହି ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ନିମ୍ନମାନର କରାଯାଉଛି। କାର୍ଯ୍ୟ ନିର୍ବାହୀ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ଢଳେଇ ରାସ୍ତା ନିର୍ମାଣକୁ ମଠ ସାହିର ଶତାଧିକ ମହିଳାପୁରୁଷ ବିରୋଧ କରିବା ସହ କାମ ବନ୍ଦ କରିଥିବା ଦେଖିବାକୁ ମିଳିଛି।

ଏକ ବର୍ଷ ତଳେ ଉକ୍ତ ରାସ୍ତା ନିର୍ମାଣ କରାଯାଇଥିଲା। ମାତ୍ର ଏକ ବର୍ଷ ଭିତରେ ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନ ଭାଙ୍ଗି ଯାଇଥିଲା। ସିମେଣ୍ଟ, ବାଲି ଓ ଗୋଡ଼ି ଉଠିଯାଇ ଗର୍ତ୍ତ ସୃଷ୍ଟି ହେବାର ଦେଖିବାକୁ ମିଳିଥିଲା। ଏଣୁ ରାସ୍ତା ଶୋଚନୀୟ ଥିବାରୁ ଗ୍ରାମବାସୀଙ୍କ ଦାବିରେ ବିଧାୟିକାଙ୍କ ପାଣ୍ଠିରୁ ୪ଲକ୍ଷ ଟଙ୍କା ରାସ୍ତା ନିର୍ମାଣ ପାଇଁ ଆସିଥିଲା। ହେଲେ ଉକ୍ତ କାର୍ଯ୍ୟକୁ ଗତ ବର୍ଷ ରାସ୍ତା ନିର୍ମାଣ କରିଥିବା ବ୍ୟକ୍ତିଙ୍କୁ ଦିଆଯାଇଥିଲା। ତେଣୁ ସେମାନେ ପୁଣି ନିମ୍ନମାନ ସିମେଣ୍ଟ, ଚିପ୍ସ, ବାଲି ବ୍ୟବହାର କରି ବିନା କାର୍ଯ୍ୟାଦେଶରେ କାମ କରୁଥିଲେ। ଖବର ପାଇ ମଠ ସାହିର ଅମୂଲ୍ୟ ଦଳେଇ, ବୁଲୁ ସାମଲ, ମନୋଜ ମିଶ୍ର, ଜଗବନ୍ଧୁ ଦଳେଇ, ପ୍ରଫୁଲ୍ଲ ମିଶ୍ର, ସରୋଜ ଦଳେଇ, ଗୋପାଳ ଦଳେଇ, ପ୍ରମିଳା ଦଳେଇ କବିତା ଦଳେଇ, ୧୫ନଂ ୱାର୍ଡ ସଭ୍ୟା ଦୂତୀକା ଦଳେଇ, ସ୍ନେହଲତା ଦଳେଇ ପ୍ରମୁଖ ଏକତ୍ରିତ ହୋଇ ପ୍ଲାକ କାର୍ଡ ଧରି ଯାଇ କାମକୁ ବିରୋଧ କରିଥିଲେ। ଫଳରେ କାର ବନ୍ଦ ରହିଥିଲା। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପବିତ୍ର ମୋହନ ମହାନ୍ତିଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି ଜାଣିନାହାନ୍ତି ବୋଲି କହି ସଫେଇ ଦେଇଥିଲେ। ରାସ୍ତାଟି ଲୋକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହାକୁ ତୁରନ୍ତ ଶେଷ କରିବାକୁ ଦାବି ହୋଇଛି।



ଗ୍ରାମବାସୀ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ କରୁଛନ୍ତି।

# ମେଗା ପାନୀୟଜଳ ପ୍ରକଳ୍ପକୁ ଅନୁକମ୍ପା ଅଭିଯୋଗ

ରସୁଲପୁର,୨୨।୧୦(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ଶ୍ରୀବନ୍ତପୁର ଗ୍ରାମରେ ମେଗା ପାନୀୟଜଳ ପ୍ରକଳ୍ପକୁ ରସୁଲପୁର ତହସିଲ ଅଫିସ ପକ୍ଷରୁ ଅହେତୁକ ଅନୁକମ୍ପା ଦେଖାଯାଇଛି ବୋଲି ଅଭିଯୋଗ ହୋଇଛି। ଫଳରେ ଏହାକୁ ନେଇ ଗ୍ରାମବାସୀ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ତହସିଲ ପକ୍ଷରୁ କମ୍ପାନୀ ସ୍ୱାର୍ଥ ପାଇଁ ଗୋଚର ଜମିର କିସମ ବଦଳାଇ ଦିଆଯାଇଛି। ତହସିଲ ପ୍ରଶାସନର ଏଭଳି ନିଷ୍ପତ୍ତି ଦୁର୍ଭାଗ୍ୟଜନକ ବୋଲି ଗ୍ରାମବାସୀ ମତ ରଖିଛନ୍ତି। ତେଣୁ ଏହି ନିଷ୍ପତ୍ତିର ପୁନର୍ବିଚାର କରାଯାଉ ବୋଲି ଗ୍ରାମବାସୀ ରବୀନ୍ଦ୍ର ପ୍ରତିହାରୀ, ମହେଶ୍ୱର ଧଳ, ମଙ୍ଗୁଳି ରାଉତ, ସର୍ବେଶ୍ୱର ଧଳ, ପୀତାମ୍ବର କାଣ୍ଡି, ଚଗୁଲୁ ରାଉତ ଓ ରମେୟା ରଞ୍ଜନ ସ୍ୱାଇଁ ପ୍ରମୁଖ ରସୁଲପୁର ତହସିଲଦାରଙ୍କୁ ସାକ୍ଷାତକରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ବ୍ୟତୀକ୍ରମ ଘଟିଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

ତହସିଲଦାରଙ୍କ ନୋଟିସ ମୁତାବକ, ଗ୍ରାମବାସୀ ତହସିଲରେ ଉପସ୍ଥିତ ରହି ଶ୍ରୀବନ୍ତପୁର ମୌଜା ରକ୍ଷିତ ଖାତା ନଂ.୩୧୧ ଗୋଚର ଜମିର ସ୍ଥିତାବସ୍ଥାକୁ କାଏମ ରଖିବାକୁ ଅନୁରୋଧ କରିଛନ୍ତି। ଏହାସତ୍ତ୍ୱେ ତହସିଲ ପ୍ରଶାସନ ଗ୍ରାମବାସୀଙ୍କ ଅନୁରୋଧକୁ ଗ୍ରହଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିଥିବା ଜଣାଯାଇଛି। ମେଗା ପାନୀୟ ଜଳ ପ୍ରକଳ୍ପକୁ ଅଧିକ ଅନୁକମ୍ପା ଦେଖାଯାଇଛି। ଜମିର କିସମ ପରିବର୍ତ୍ତନ କରି କମ୍ପାନୀ ହାତକୁ ଟେକିଦେବାକୁ ମସୁଧା କରାଯାଉଛି ବୋଲି ବିଶ୍ୱସ୍ତସୂତ୍ରରୁ ଖବର ପାଇଁ ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ଏତାଦୃଶ ଅଭିଯୋଗ କରିଛନ୍ତି। ଏଭଳି କରାଗଲେ ଗାଁର ଦୁଇଟି ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଗାଁର ଯୁବତୀଯୁବକଙ୍କୁ ଖେଳକୁଦ କରିବାର ସୁଯୋଗ ମିଳିପାରିବ ନାହିଁ। ପଡ଼ିଆ ନିକଟରେ ଥିବା ଗ୍ରାମ୍ୟ ଜଙ୍ଗଲ ନଷ୍ଟ ହୋଇଯିବ। ଚାଷୀ କ୍ଷେତକୁ ଯାତାୟାତ କରିବା ଓ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ପରିବହନ କରିବାରେ ଅସୁବିଧା ଉପୁଜିବ। ପ୍ରଶାସନ ପକ୍ଷରୁ ଉକ୍ତ ଜମିକୁ ମେଗା ଜଳପ୍ରକଳ୍ପକୁ ଲିଜ୍ ସୂତ୍ରରେ ପ୍ରଦାନ କରିବାକୁ ବନ୍ଦ କରାଯାଉ ବୋଲି ଗ୍ରାମବାସୀ ନିବେଦନ କରିଛନ୍ତି। ଏହାହେଲେ ଆବଶ୍ୟକ ପଡିଲେ କୋର୍ଟର ଆଶ୍ରୟ ନେବେ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ତହସିଲ ପ୍ରଶାସନର ପ୍ରତିକ୍ରିୟା ମିଳି ପାରିନାହିଁ।



ତହସିଲଦାରଙ୍କୁ ଗ୍ରାମବାସୀ ଦାବିପତ୍ର ଦେଉଛନ୍ତି।

**ତହସିଲ ପ୍ରଶାସନ ନିଷ୍ପତ୍ତିର ପୁନର୍ବିଚାର ଦାବି**

# ନଦୀଜଳରେ ଫେନୋଲିକ୍ ବିଷ



■ବ୍ରାହ୍ମଣୀ, ଖରସ୍ରୋତା, ବୈତରଣୀ ଅସୁରକ୍ଷିତ
■ଦୁର୍ଗନ୍ଧଯୁକ୍ତ ପାଣି ବ୍ୟବହାର କରୁଛନ୍ତି ଜିଲାବାସୀ

ଯାଜପୁର ଅଫିସ,୨୨।୧୦

ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀଜଳ ଅସୁରକ୍ଷିତ ହୋଇପଡ଼ିଛି। ସେଥିରେ ବିଷାକ୍ତ ଫେନୋଲିକ୍ କମ୍ପାଉଣ୍ଡ ମିଳୁଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ରିପୋର୍ଟରୁ ଏହା ଜଣାପଡ଼ିଛି। ପ୍ରତ୍ୟେକ ଜଳ ନମୁନା ପରୀକ୍ଷାରେ ଏଭଳି ରିପୋର୍ଟ ପ୍ରକାଶ ପାଉଥିବାରୁ ତାହା ମଣିଷ ପାଇଁ ପାନୀୟ କିମ୍ବା ଗାଧୋଇବା ସକାଶେ ଉପଯୁକ୍ତ ନୁହେଁ। ଗତ ଗୁରୁବାର ଓଡ଼ିଶା ବିଧାନସଭା ପରିବେଶ ଗୃହ କମିଟି ମଧ୍ୟ କଳିଙ୍ଗନଗର ଶିଳ୍ପାଞ୍ଚଳ ପରିଦର୍ଶନରେ ଆସି ଏଭଳି ମନ୍ତବ୍ୟ ଦେଇଛି।

ଯାଜପୁରରେ ପୂର୍ବରୁ ବ୍ରାହ୍ମଣୀ, ଖରସ୍ରୋତା ଓ ବୈତରଣୀ ପାଣି ସଫା ଦେଖିବାକୁ ମିଳୁଥିଲା। ଏବେ ତାହା ଗୋଳିଆ ହୋଇ ଦୁର୍ଗନ୍ଧ ହେଉଛି। ନଦୀତଟବର୍ତ୍ତୀ ଅଞ୍ଚଳର । ଏହି ପ୍ରଦୂଷିତ ପାଣିକୁ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। କେବଳ କଳିଙ୍ଗନଗର ଶିଳ୍ପାଞ୍ଚଳ ନୁହେଁ, ବ୍ୟାସନଗର ପୌର ପରିଷଦର ଦୂଷିତ ପାଣି ମଧ୍ୟ ବିନା ଉପଚାରରେ ନଦୀଗର୍ଭରେ ପଡୁଛି। ଏ କ୍ଷେତ୍ରରେ ବ୍ୟାସନଗର ପୌର ପରିଷଦ କେବଳ ଅପରାଧ କରୁନାହିଁ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତାଗିଦକୁ ମଧ୍ୟ ବେଖାତିର କରୁଛି। ଅପରପକ୍ଷେ ପୌରପରିଷଦର ଏହି ଆଭିମୁଖ୍ୟ ପାଇଁ ସହରର ଗଣ୍ଡାନାଳ ଜଳ ବିଷାକ୍ତ ହେଉଛି। ଖାଲି ସେତିକି ନୁହେଁ, ଗଣ୍ଡାନାଳ ପାଣି ବ୍ରାହ୍ମଣୀର ଉପନଦୀ ଖରସ୍ରୋତାରେ ମିଶୁଛି। ଏନେଇ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟରୁ ପୂର୍ବରୁ କାରଣଦର୍ଶାଅ ନୋଟିସ ମଧ୍ୟ ଜାରି ହୋଇଛି। ହେଲେ ଏଯାଏ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ ହେଉ ନ ଥିବାରୁ ନଦୀଜଳ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ବିଧାନସଭା ପରିବେଶ ଗୃହ କମିଟି କେବଳ ଶିଳ୍ପାଞ୍ଚଳରେ ପ୍ରବାହିତ ଗଣ୍ଡାନାଳ ପରିଦର୍ଶନରେ ଯାଇ ମିଲିଟାରୀ ଛକଠାରୁ ଅଗ୍ନିଶମ ବିଭାଗ ଛକ ମଧ୍ୟରେ ପ୍ରବାହିତ ସ୍ଥାନରୁ ଜଳ ନମୁନା ସଂଗ୍ରହ କରିଛି। ତେବେ ଏହି ସମସ୍ୟା ଶିଳ୍ପ କାରଖାନା ଏବଂ ସ୍ୱାୟତ୍ତ ଶାସନ ସଂସ୍ଥାରୁ ଆରମ୍ଭ କରି ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଜନ ପ୍ରତିନିଧି ତଥା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିକୁ ଆସୁନାହିଁ। ଗଣ୍ଡାନାଳର ବିଭିନ୍ନ ସ୍ଥାନରେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇ ବିଶୋଧନ ପରେ ଖରସ୍ରୋତାରେ ନିଷ୍କାସନ ପାଇଁ ଏକାଧିକ ପ୍ରକଳ୍ପ କରାଯିବ ବୋଲି ଗତ ୧୦ବର୍ଷ ହେଲା କ୍ଷମତାସୀନ ରାଜନେତା କହି ଆସୁଥିବାବେଳେ ଏହାର ସର୍ଭେ କାର୍ଯ୍ୟ କରାଯାଉଥିବା ଜନସ୍ୱାସ୍ଥ୍ୟ ବିଭାଗ କହିଆସୁଛି। କିନ୍ତୁ ପ୍ରକଳ୍ପ କାର୍ଯ୍ୟକାରୀ ହେଉନାହିଁ। ଏସ୍‌ପିସିବିର କେନ୍ଦ୍ରୀୟ ପରୀକ୍ଷାଗାରରେ କଳିଙ୍ଗନଗର ଶିଳ୍ପାଞ୍ଚଳର ଜଳ ନମୁନା ପରୀକ୍ଷାରେ ସର୍ବଦା ବିଷାକ୍ତ ଦ୍ରବ୍ୟ ମିଳିଥିବା ସୂଚନା ମିଳିଛି। ବିଶେଷକରି ଗଣ୍ଡାନାଳର କୁସୁନପୁର ବ୍ରିଜ ନିକଟ ଜଳ ଅଧିକ ବିଷାକ୍ତ ବୋଲି ଜଣାପଡିଛି। ଏହି ଜଳ ନମୁନାରେ ଗ୍ରହଣଯୋଗ୍ୟ ସୀମାଠାରୁ ପ୍ରାୟ ୧୦ ଗୁଣରୁ ଅଧିକ ଫେନୋଲିକ୍ କମ୍ପାଉଣ୍ଡ (କୋଇଲାଯୁକ୍ତ ପଦାର୍ଥ) ମିଳୁଥିବା ଏସ୍‌ପିସିବି ପକ୍ଷରୁ କୁହାଯାଉଛି। ତେବେ ଏହି ଜଳ ପ୍ରଦୂଷଣ ପାଇଁ କେତେକ ପ୍ରଭାବଶାଳୀ କମ୍ପାନୀର ସମ୍ପୃକ୍ତି ରହୁଥିଲେ ହେଁ ସରକାରଙ୍କ ପକ୍ଷରୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଏଭଳିସ୍ଥିତିରେ ପରିବେଶ କମିଟିର ଅଧ୍ୟକ୍ଷ ବିଧାୟକ ମୋହନ ଚରଣ ମାଝୀ ଅନୁଧ୍ୟାନ ରିପୋର୍ଟ ସଂକ୍ରାନ୍ତରେ ସରକାରଙ୍କୁ ଜଣାଇବେ ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସୁପାରିସ କରିବେ ବୋଲି କହିଛନ୍ତି।

ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା କହିଛନ୍ତି, ସେ ମଧ୍ୟ ପରିବେଶ କମିଟି ସହ ରହିଥିଲେ। ୨ ମାସର ଜଳ ନମୁନା ରିପୋର୍ଟ ଅନୁସାରେ ଫେନୋଲିକ୍ ଦ୍ରବ୍ୟ ଅଧିକ ରହୁଥିବା ଜଣାପଡ଼ିଛି। ତେବେ କମ୍ପାନୀରୁ ବୋହି ଯାଉଥିବା ବର୍ଷା ଜଳର ଉପଚାର କରି ସମସ୍ତ କମ୍ପାନୀ ବାହାରକୁ ଛାଡୁଛନ୍ତି। ଅନ୍ୟ ଦିନର ପାଣି କାରଖାନା ଭିତରେ ରିସାଇକ୍ଲିଂ କରି ବ୍ୟବହାର କରାଯାଉ ଥିବାରୁ ବାହାରକୁ ଛଡ଼ା ଯାଉନାହିଁ।

## କୋରେଇ ଥାନାଧିକାରୀଙ୍କ ସପକ୍ଷରେ ଏସ୍‌ପିଙ୍କୁ ଦାବିପତ୍ର



ଆମ୍ବେଡକର ଦଳିତ ଆଦିବାସୀ ଉନ୍ନୟନ କମିଟି ପକ୍ଷରୁ ଅତିରିକ୍ତ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରିଲା ଆମ୍ବେଡକର ଲୋହିଆ ବିଚାର ମଞ୍ଚ

ପାଣିକୋଇଲି,୨୨।୧୦(ଡି.ଏନ.ଏ.):

କୋରାଇ ନିର୍ବାଚନମଣ୍ଡଳୀର ଡ. ବି.ଆର. ଆମ୍ବେଡକର ଦଳିତ ଆଦିବାସୀ ଉନ୍ନୟନ କମିଟି ପକ୍ଷରୁ ଶନିବାର ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟତଃ କୋରେଇ ଥାନାଧିକାରୀ ଶ୍ରବଣ କୁମାର ମହାରଣାଙ୍କୁ ବଦଳି କରାଗଲେ ଧାରଣା ଅନଶନ ଦିଆଯିବ ବୋଲି ଦଳିତ ନେତୃମଣ୍ଡଳୀ ଚେତାବନୀ ଦେଇଛନ୍ତି। ଏଥିସହିତ ସମସ୍ତ ଥାନା ମାମଲାର ଠିକ ତଦନ୍ତ, ଜିଲା ମଧ୍ୟରେ ଅଣସ୍ୱୀକୃତି ପ୍ରାପ୍ତ ସଙ୍ଗଠନର ନେତା ବୋଲାଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଦଳିତ ସମାଜକୁ ଅସମ୍ମାନ କରିଥିବା ଜଣେ ମହିଳାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, କୋରାଇର ସ୍ୱୀକୃତିପ୍ରାପ୍ତ ସଙ୍ଗଠନକୁ ଉଚିତ ସମ୍ମାନ ଓ ଅଣସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନର ନେତା କହି ବିଭିନ୍ନ ଥାନା ଅଧିକାରୀଙ୍କୁ ଚାପ ପକାଇ ମିଥ୍ୟା ମକଦ୍ଦମା କରିବାକୁ ବାଧ୍ୟ କରି ଧମକ ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଏସ୍‌ପି ନାରାୟଣ ବାରିକ ଦାବିପତ୍ର ଗ୍ରହଣ କରିଛନ୍ତି। ଆମ୍ବେଡକର ଦଳିତ ଉନ୍ନୟନ କମିଟି ସଭାପତି ଯଶୋବନ୍ତ ଯେନା, ଉପଦେଷ୍ଟା ନାରାୟଣ ମଳିକ, ସମ୍ପାଦକ ଜିତୁ ବେହେରା, ସରପଞ୍ଚ ସାରଙ୍ଗ ପ୍ରଧାନ, ଶ୍ୟାମସୁନ୍ଦର ମାଝି, କୋରେଇର ସମସ୍ତ ଦଳିତ ଜନପ୍ରତିନିଧି, ସଙ୍ଗଠନ ନେତୃତ୍ୱ ନେଉଥିବା କର୍ମକର୍ତ୍ତାଙ୍କ ସମେତ ବହୁ ମହିଳା ଓ ପୁରୁଷ ଏଥିରେ ସାମିଲ ହୋଇ ଦାବିପତ୍ର ପ୍ରଦାନ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କ ନିଲମ୍ବନ ପ୍ରତ୍ୟାହାର ଦାବିରେ ଧାରଣା

କମଳଲୋଚନ ଉଚ୍ଚ ବିଦ୍ୟାଳୟ ଛାତ୍ର ମୃତ୍ୟୁ ପ୍ରସଙ୍ଗ

ନାଉଗାଁ,୨୨।୧୦(ସ୍ୱ.ପ୍ର)

ନାଉଗାଁ ଥାନା ଘୋଡ଼ାଂଶ ଗ୍ରାମର ନବମ ଶ୍ରେଣୀ ଛାତ୍ର ଶ୍ରୀତମ୍ ନାୟକଙ୍କ ମୃତ୍ୟୁ ଘଟଣାରେ ଶୁଦ୍ଧକଣ୍ଠିସ୍ଥିତ କମଳଲୋଚନ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁଙ୍କୁ ଶୁକ୍ରବାର ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ନିଲମ୍ବିତ କରିଛନ୍ତି। ଏହାକୁ ବିରୋଧ କରି ଉକ୍ତ ନିଲମ୍ବନ ପ୍ରତ୍ୟାହାର ଦାବିରେ ଶନିବାର ଅଭିଭାବକମାନେ ବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କ କହିବାନୁଯାୟୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସାହୁ ଜଣେ ଆଦର୍ଶ ଶିକ୍ଷକ। ସେ ଅଞ୍ଚଳର ଜଣେ ଭଲ ଗଣିତ ଶିକ୍ଷକ ଭାବେ ଜଣାଶୁଣା। ଦୀର୍ଘବର୍ଷ ହେବ ଛୁଟିଦିନମାନଙ୍କରେ ବିନା ପାରିଶ୍ରମିକରେ ପିଲାମାନଙ୍କୁ ଶିକ୍ଷାଦାନ କରନ୍ତି। ଏହା ଦ୍ୱାରା ଅଞ୍ଚଳର ବହୁ ଗରିବ ପିଲା ଉପକୃତ ହୋଇଛନ୍ତି। ଗତ ଅକ୍ଟୋବର ୨ରେ ବିଦ୍ୟାଳୟର ଶେଷପ୍ରାନ୍ତରେ ଥିବା ପୋଖରୀରେ ବୁଡ଼ିଯିବାରୁ ଶ୍ରୀତମ୍‌ଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସାହୁଙ୍କ ଅଗୋଚରରେ ହୋଇଛି। ଏହାସତ୍ତ୍ୱେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅତୀତରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସାହୁଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଦ୍ୟାଳୟକୁ ପୁରସ୍କୃତ କରାଯାଇଛି। ଏ ସବୁକୁ ଦୃଷ୍ଟିରେ ରଖି ଏକ ସପ୍ତାହ ମଧ୍ୟରେ ଏହି ନିଲମ୍ବନ ଆଦେଶ ପ୍ରତ୍ୟାହାର ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏଥିସହ ସେମାନେ ଧାରଣାରୁ ଓହରି ଜଗତ୍‌ସିଂହପୁର ଜିଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଗ୍ରାମର ମିନୁପ୍ରଭା କାଠୁଆ, ଜିତାଞ୍ଜଳି କାଠୁଆ, ସସ୍ମିତା କାଠୁଆ, କବିତା ସାହୁ, ସଞ୍ଜୁକ୍ତା ସାହୁ, ବିଶ୍ୱନାଥ ସ୍ୱାଇଁ, ପ୍ରତାପ ସ୍ୱାଇଁ, ଉର୍ମିଳା ସାହୁଙ୍କ ସମେତ ଶତାଧିକ ଅଭିଭାବକଙ୍କ ସ୍ୱାକ୍ଷର ରହିଛି।



ଧାରଣାରେ ବସିଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ।

## ପାଇଥିବା ପର୍ସ ଫେରାଇଲେ ଯୁବ ସାମାଜିକ କର୍ମୀ

ପାଣିକୋଇଲି,୨୨।୧୦(ଡି.ଏନ.ଏ.):

ଏବେ ବି ବଞ୍ଚିଛି ମାନବିକତା। ଏହାକୁ ପ୍ରମାଣିତ କରିଛନ୍ତି ପାଣିକୋଇଲି ଅଞ୍ଚଳର ଯୁବ ସାମାଜିକ କର୍ମୀ ଶଶିକାନ୍ତ ମଲ୍ଲିକ। ପାଇଥିବା ପର୍ସକୁ ସେ ହଜିଥିବା ବ୍ୟକ୍ତିଙ୍କୁ ପାଣିକୋଇଲି ଥାନାରେ ଡକାଇ ଫେରାଇଛନ୍ତି। ଶନିବାର ପାଣିକୋଇଲି ତୃପ୍ତି ଭୋଜନାଳୟ ନିକଟରୁ ଶଶିକାନ୍ତ ଏକ ପର୍ସ ପାଇଥିଲେ। ଯେଉଁଥିରେ ଟଙ୍କା ଭର୍ତ୍ତି ସହ ଭୋଟର ପରିଚୟ ପତ୍ର, ଆଧାରକାର୍ଡ, ଏଟିଏମ୍ କାର୍ଡ, ପ୍ୟାନ୍, ଡେବିଟ୍, କ୍ରେଡିଟ କାର୍ଡ ଓ ଡ୍ରାଇଭିଂ ଲାଇସେନ୍ସ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିଲା। ଏନେଇ ଶଶିକାନ୍ତ ଖବରଦାତା ସୁବାସ ଧଳଙ୍କ ସହ ଯୋଗାଯୋଗ କରିଥିଲେ। ପର୍ସଟି କେନ୍ଦୁଝର ଜିଲା ଖଜୁରିଆପଡ଼ା ଗ୍ରାମର ଡାକ୍ତର ପଦ୍ମଲୋଚନ ମହାନ୍ତଙ୍କର ବୋଲି ଜଣାପଡ଼ିଥିଲା, ଯେକି ବାଲେଶ୍ୱର ମେଡିକାଲ କଲେଜରେ କାର୍ଯ୍ୟରତ। ପରେ ଧଳ ତାଙ୍କ ସହ ଯୋଗାଯୋଗ କରିଥିଲେ। ଖବରପାଇ ମହାନ୍ତ ଆସି ପାଣିକୋଇଲି ଥାନାରେ ପହଞ୍ଚି ତାଙ୍କ ପର୍ସ ଗ୍ରହଣ କରିଥିଲେ। ଏନେଇ ସେ ଶଶିକାନ୍ତଙ୍କ ମହାନୀୟତାକୁ ପ୍ରଶଂସା କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅମର



@ ବିନୋଦ



@ କାଜଲ



@ ମହେଶ୍ୱର



@ କାହ୍ନୁଚରଣ



@ ତୁଷାରକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୫ ଶିଶୁଗଛ କାଟି ଦେଲେ



କଟାଯାଇଥିବା ପୁରୁଣା ଶିଶୁଗଛ।

କେନ୍ଦ୍ରାପଡ଼ା ଅଫିସ,୨୨।୧୦

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ କଲୋନୀରେ ଥିବା ୫ ପୁରୁଣା ଶିଶୁଗଛ କଟାଯାଇଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିଛି । ପୂର୍ବରୁ ୧୫ ଗଛ ଶିଶୁ ଉଦ୍ୟାନରୁ ଗାଏବ ହୋଇଥିବା ବେଳେ ଏବେ ଏହି ଗଛ କାହାପାଇଁ କଟାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳସ୍ଥିତ ଏହି ବ୍ଲକ କଲୋନୀରେ ପ୍ରାୟ ୧୫ ପୁରୁଣା ଶିଶୁ ଗଛ ରହିଛି । ଏହି ମୂଲ୍ୟବାନ ଗଛ ମଧ୍ୟରୁ ୫ ଗଛକୁ କଟାଯାଇ ଏହାର ଡାଳ ଓ ମୂଳ କଲୋନୀ ମଧ୍ୟରେ ରଖାଯାଇଛି । ସେଥିମଧ୍ୟରୁ ୨ ଗଛର ମୂଳ ଶୁଖି ଥିବା ବେଳେ ଅନ୍ୟ ୩ ଗଛ କଞ୍ଚା ଅବସ୍ଥାରେ ଅଛି । ପୂର୍ବରୁ ପୌରାଞ୍ଚଳର ଶିଶୁ ଉଦ୍ୟାନ ମଧ୍ୟରୁ ୧୫ ଶିଶୁ ଗଛ କଟାଯାଇ ଥିବା ବେଳେ ଏହାର କାଠ କାହା ପାଖକୁ ଯାଇଛି ସେନେଇ ବିଭାଗୀୟ ଅଧିକାରୀମାନେ ଉତ୍ତର ଦେଇ ପାରୁନାହାନ୍ତି । ଗଛ କଟାକୁ ନେଇ ସ୍ଥାନୀୟ ଅଞ୍ଚଳରେ କେତେଜଣ ପ୍ରଶାସନିକ ଅଧିକାରୀଙ୍କ ହାତ ଥିବା ଆଲୋଚନା ହେଉଛି । ଏ ସମ୍ପର୍କରେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ କହିଛନ୍ତି, ପୌରାଞ୍ଚଳ ଅଧୀନରେ ଥିବା ଶିଶୁ ଗଛ କାଟିବା ପାଇଁ କାହାକୁ ଅନୁମତି ଦିଆଯାଇନାହିଁ । ଏ ସମ୍ପର୍କରେ ରେଞ୍ଜ ଅଧିକାରୀ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଜିଲା ପୋଲିସ କାର୍ଯ୍ୟ ବିରୋଧରେ ନାରାବାଜି

ପାଣିକୋଇଲି,୨୨।୧୦(ଡି.ଏନ.ଏ.):

ଯାଜପୁର ଜିଲାରେ ହତ୍ୟା, ଗୃହଦାହ, ଅପହରଣ, ବଳାତ୍କାର, ଆକ୍ରମଣ ଆଦି ଗୁରୁତ୍ୱପୂର୍ଣ୍ଣ ଅପରାଧ ଗୁଡ଼ିକର ସଂଖ୍ୟା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉପରେ ବଢ଼ିଚାଲିଛି। ହେଲେ ଅନେକ ସ୍ଥାନରେ ପୋଲିସ ପ୍ରଶାସନ ଓ ବିଚାର ବ୍ୟବସ୍ଥା ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରୁ ନ ଥିବା ଅଭିଯୋଗ ନେଇ ଶନିବାର ପାଣିକୋଇଲିସ୍ଥିତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିଛି ଆମ୍ବେଡକର ଲୋହିଆ ବିଚାର ମଞ୍ଚ ସହ ଅନ୍ୟ ୨୦ ଗୋଟି ସଙ୍ଗଠନ। ଏଥିରେ ଶତାଧିକ ମହିଳାପୁରୁଷ ପ୍ରଥମେ ପାଣିକୋଇଲି ଛକରେ ଏକାଠି ହୋଇ ଏକ ଶୋଭାଯାତ୍ରାରେ ବାହାରି ଜିଲା ପୋଲିସ ମୁଖ୍ୟାଳୟ ନିକଟରେ ପହଞ୍ଚିଥିଲେ। ସଙ୍ଗଠନର କର୍ମକର୍ତ୍ତା ଯାଜପୁର ପୋଲିସ ବିରୋଧରେ ନାରାବାଜି କରିଥିଲେ। କୋରେଇ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣାଙ୍କୁ ଗିରଫ କରାଯାଉ ନ ଥିବାରୁ ସେ ସେଠାରେ ରହି ସାକ୍ଷ୍ୟ ପ୍ରମାଣ ନଷ୍ଟ କରୁଥିବା ଅଭିଯୋଗ କରିଥିଲେ। କଳିଙ୍ଗନଗର ଥାନା ଅଧିକାରୀ ଜଣେ ଦଳିତ ଯୁବକଙ୍କୁ ହାଜତରେ ୬ ଦିନ ରଖି ଥାର୍ଡ ଡିଗ୍ରୀ ଦେଇଥିଲେ। ଫଳରେ ତାଙ୍କର ରକ୍ତବାନ୍ତି ହେବା ସହ ସେ ଜେଲ୍‌ରେ ଅସୁସ୍ଥ ହେବାରୁ ୧୬ ଦିନ ଆଇସିୟୁ ସମେତ ଦେଢ଼ମାସ କଟକ ବଡ଼ ଡାକ୍ତରଖାନାରେ ରହିଥିଲେ। ତେବେ ଜେଲରେ ଥିବାବେଳେ ତାଙ୍କ କିଡ୍‌ନୀ ନଷ୍ଟ ହୋଇଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଥିଲେ। ତେଣୁ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଥିଲା। କୋରେଇ ଥାନା ଉପୁଳେଇ ଗ୍ରାମର ଜଣେ ଗର୍ଭବତୀ ମଲା ଛୁଆ ଜନ୍ମ ଦେଇଥିବା ଡାକ୍ତର ରିପୋର୍ଟ ଦେଇଥିଲେ। ମାତ୍ର ବ୍ୟବଚ୍ଛେଦ ରିପୋର୍ଟରେ ଶିଶୁଟି ଜନ୍ମର ଦିନକ ପରେ ମରିଥିବା ଦର୍ଶାଯାଇଥିଲା। ତେଣୁ ଏହି ପକ୍ଷପାତିତା ଘଟଣାରେ ମାମଲା ରୁଜୁ କରାଯିବା ଆବଶ୍ୟକ । ଏହିପରି ୮ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ତରଫରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନାରାୟଣ ଚନ୍ଦ୍ର ବାରିକ ଦାବିପତ୍ର ଗ୍ରହଣ କରିବା ସହ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନକୁ ଦୃଷ୍ଟିରେ ରଖି ପାଣିକୋଇଲି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

ଆମ୍ବେଡକର-ଲୋହିଆ ବିଚାର ମଞ୍ଚ ରାଜ୍ୟ ସଭାପତି ସଂଗ୍ରାମ ମଲ୍ଲିକ, ପ୍ରାକ୍ତନ ଏମ୍‌ପି ଅଞ୍ଚଳ ଦାସ, ସଂଯୋଜକ ମନୋରଞ୍ଜନ ଜେନା, ରାଜ୍ୟ ଏସ୍‌ସି/ଏସ୍‌ଟି/ଓବିସି/ମାଇନୋରିଟି ଓଡ଼ିଶା ସଂଯୋଜକ ଅଭିରାମ ମଲ୍ଲିକ, ଜାତୀୟ ଦଳିତ ବିକାଶ ପରିଷଦ ରାଜ୍ୟ ସଭାପତି ଲିଟୁ ଦାସ, ଆର୍‌ପିଆଇ ରାଜ୍ୟ ସଭାପତି ଅବଦୁଲ ୱାଲି, ଟିକିନା ପରିଡ଼ା, ଭୀମ୍ ଆର୍ମି ନେତା ନିହାର ରଞ୍ଜନ ସାମଲ, ଭୁବନେଶ୍ୱର ଦଳିତ ସଂଘ ସଭାପତି ସୁକାନ୍ତ ଭୋଇ, ସନ୍ତୋଷ ବେହେରା, ମାୟାଧର ଜେନା, ଆମ୍ବେଡକର ଫାଉଣ୍ଡେଶନ ସଭାପତି ସୁରେନ୍ଦ୍ର ମଲ୍ଲିକ, ଭୀମ୍ ସେନା ଉପସଭାପତି ଆର୍ତ୍ତତ୍ରାଣ ମଲ୍ଲିକ, ସହଦେବ ଜେନା, ଅଭିମନ୍ୟୁ ମଲ୍ଲିକ, ସାମାଜିକ ନ୍ୟାୟ ଅଭିଯାନର ଉମାକାନ୍ତ ମଲ୍ଲିକ, ମୂଳନିବାସୀ ଯୁବଛାତ୍ର ପରିଷଦ ରାଜ୍ୟ ସଭାପତି ବିଭ୍ରାନ୍ତ ବିଶ୍ୱଜିତ୍, ଗୀତାଞ୍ଜଳି ଜେନା, ମୀନାକ୍ଷୀ ଜେନା, ଭୀମ୍ ଆର୍ମୀ କେନ୍ଦୁଝର ଜିଲା ସଭାପତି ଦିବ୍ୟରଞ୍ଜନ ଜେନା, କ୍ଷୀରୋଦ ଦାସ, ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲା ସଂଯୋଜକ ଦୁଷ୍ମନ୍ତ ଜେନା, ମାନବିକ ଅଧିକାର କର୍ମୀ ନିରୁପମା ମଲିକ ଓ ଅଧୀର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।




ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

## ସଂକ୍ଷେପରେ

### ଡ.ଚିନ୍ମୟ ନାୟକଙ୍କୁ ଶିକ୍ଷାଦାନ ଉତ୍କର୍ଷ ପୁରସ୍କାର




ରଘୁନାଥପୁର,୨୨।୧୦(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ଅଢ଼େଇକୁଳ ଖରଦାସାହିର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମିହିର କୁମାର ନାୟକଙ୍କ ପୁତ୍ର ପ୍ରଫେସର ଡ. ଚିନ୍ମୟ କୁମାର ନାୟକଙ୍କୁ ୱାର୍ଲଡ୍ ଚାରିଟି ୱେଲଫେୟାର ପକ୍ଷରୁ ଶିକ୍ଷାଦାନ ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। ସମଗ୍ର ଭାରତବର୍ଷରେ ଲୁଚି ରହିଥିବା ପ୍ରତିଭାଙ୍କୁ ଖୋଜି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବା ଏହି ସଂସ୍ଥାର ଲକ୍ଷ୍ୟ । ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଶୁକ୍ରବାର ଅନୁଷ୍ଠିତ ଉତ୍ସବରେ ଡ. ନାୟକଙ୍କୁ ଚାରିଟି ସଂସ୍ଥା ପକ୍ଷରୁ ସମ୍ମାନିତ କରାଯିବା ସହ ମାନପତ୍ର ଦିଆଯାଇଛି। ଉତ୍ସବରେ ଅନିଶା ୱେବ୍‌ର ନିର୍ଦ୍ଦେଶକ ଅର୍ଜୁନ ଶେଖର, ଓଡ଼ିଆ ଅଭିନେତ୍ରୀ ଗୁନ୍‌ଗୁନ୍,ଏ. ଦୁର୍ଗାପ୍ରସାଦ, ରାଜୀବ ଲୋଚନ ପଣ୍ଡା, ଅମର କୁମାର ବାଗ ଓ ନିରୁପମା ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଡ. ନାୟକ ଶ୍ରୀ ଶ୍ରୀ ୟୁନିଭର୍‌ସିଟିରେ ସିନିୟର ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ଏହା ପୂର୍ବରୁ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ତାଙ୍କୁ ୩ ଥର ଶ୍ରେଷ୍ଠ ଶିକ୍ଷକ ରୂପେ ପୁରସ୍କୃତ କରାଯାଇଛି।

### ଗାଡ଼ି ଧକ୍କାରେ ଯୁବକ ଗୁରୁତର

ମାର୍ଶାଘାଇ,୨୨।୧୦(ଡି.ଏନ୍.ଏ.): ଶନିବାର ସନ୍ଧ୍ୟାରେ ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ନଂ.ଜାତୀୟ ରାଜପଥର ତାରିଣୀ ମହାବିଦ୍ୟାଳୟ ନିକଟରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଯୁବକଜଣକ କେନ୍ଦ୍ରାପଡ଼ାରୁ ପାରାଦ୍ୱୀପ ଆଡକୁ ଏକ ବାଇକ୍(ନଂ.ଓଡ଼ି ୩୪ କିୟୁ ୭୦୬୩)ରେ ଯାଉଥିଲେ । ତାରିଣୀ ମହାବିଦ୍ୟାଳୟ ନିକଟରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେବାରୁ ସେ ରାସ୍ତା ଉପରେ ଛିଟିକି ପଡି ଗୁରୁତର ହୋଇଥିଲେ । ତାଙ୍କର ପରିଚୟ ଜଣା ପଡ଼ି ନ ଥିଲେ ବି ତାଙ୍କ ପାଖରୁ ଏକ ଡ୍ରାଇଭିଂ ଲାଇସେନ୍ସ ମିଳିଛି । ସେଥିରେ ଆସାମ ତେଜପୁର ଏମ୍‌ଭିଆଇଙ୍କ ମୋହର ଲାଗିଛି । ମାର୍ଶାଘାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ କେନ୍ଦ୍ରାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଛି । ତାଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି ।

# ସାତଭାୟା ଜାଗା ପାଇଁ ଟଣାଓଟରା

- ପୁନର୍ବସତି ଓ ଥଇଥାନ ମଞ୍ଚକୁ ବିରୋଧ କରି ତହସିଲଦାରଙ୍କୁ ଦାବିପତ୍ର
- ଜାଗା ପାଇଁ ମଞ୍ଚ ପକ୍ଷରୁ ୩ ଦିନ ଧରି ଜିଲାପାଳଙ୍କ ଅଫିସ ଆଗରେ ଧାରଣା

ରାଜନଗର,୨୨।୧୦(ଡି.ଏନ.ଏ.)

ବଙ୍ଗୋପସାଗର ତଟବର୍ତ୍ତୀ ସାତଭାୟାବାସୀଙ୍କୁ ସମୁଦ୍ର ଢେଉରୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର ୨୦୧୧ରୁ ପ୍ରକ୍ରିୟା ଆରମ୍ଭ କରିଥିଲେ । ୨୦୧୪ରେ ୫୭୧ ପରିବାରଙ୍କୁ ବଗପାଟିଆଠାରେ ସ୍ଥାୟୀ ଭାବେ ବସବାସ କରିବା ପାଇଁ ପ୍ରତି ପରିବାରକୁ ୧୦ ଡେସିମିଲ ଲେଖାଏ ଜାଗା ଯୋଗାଇ ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ୧୪୮ ପରିବାର ଥଇଥାନରୁ ବଞ୍ଚିତ ହୋଇଥିବା ପ୍ରଶାସନ ନଜରକୁ ଆସିଥିଲା । ସେହି ପରିବାରକୁ ଥଇଥାନ କରିବା ପାଇଁ ଚଳିତବର୍ଷ ଥଇଥାନସ୍ଥଳୀରେ ଜାଗା ଚିହ୍ନଟ କରାଯାଇଛି। ଏହାସହିତ ଚାରିଘରିଆର ୯୯ ପରିବାର ପାଇଁ ସେହି ଥଇଥାନସ୍ଥଳୀରେ ଜାଗା ଚିହ୍ନଟ ହୋଇଛି। କିନ୍ତୁ ସାତଭାୟା ଥଇଥାନ ଓ ପୁର୍ନବସତି ମଞ୍ଚ ପକ୍ଷରୁ କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାତଭାୟାର ୫୦ ଦଳିତ ପରିବାର ଥଇଥାନରୁ ବଞ୍ଚିତ ହୋଇଥିବା ଏବଂ ତୁରନ୍ତ ସେମାନଙ୍କୁ ସେଠାରେ ଥଇଥାନ କରିବା ଦାବୀ ନେଇ ଆମରଣ ଅନଶନ ଜାରି ରହିଛି। ଏହି ଅନଶନ ଶନିବାର ୩ୟ ଦିନରେ ପହଞ୍ଚିଛି । ଏହାର ନେତୃତ୍ୱ ନେଇଛନ୍ତି ସାତଭାୟା ପୁନଃର୍ବସତି ଓ ଥଇଥାନ ମଞ୍ଚର ଆବାହକ ଧରଣୀଧର ରାଉତ । ହେଲେ ଅନ୍ୟଏକ ଗୋଷ୍ଠୀ ପକ୍ଷରୁ ତାଙ୍କ ବିରୋଧରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ ଉଦ୍ଦେଶ୍ୟରେ ରାଜନଗର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ଦର୍ଶାଯାଇଛି ରାଉତ ସ୍ତ୍ରୀ ବିଜୟାଲକ୍ଷ୍ମୀଙ୍କ ନାମରେ ଥିବା ଘର ପ୍ଲଟକୁ ନ ନେଇ ମା'ପଞ୍ଚୁବରାହୀଙ୍କ ପୀଠରେ ଥିବା ସଂରକ୍ଷିତ ଜାଗା ନେବା ପାଇଁ ଚାପ ପକାଇ ଆସୁଥିଲେ। ଏହାକୁ ଆମ୍ଭେମାନେ ବିରୋଧ କରିବାରୁ ଉକ୍ତ ବ୍ୟକ୍ତି ଜଣକ ଅନୁସୂଚିତ ଜାତି ଲୋକମାନଙ୍କ ବିଶେଷ ଅଧିକାର ନାମରେ କେତେଜଣ ଲୋକଙ୍କୁ ପ୍ରବର୍ତ୍ତାଇ ଆମ ପଞ୍ଚାୟତରେ ଜାତିଗତ ଭେଦଭାବ ସୃଷ୍ଟି କରୁଛନ୍ତି। ସାତଭାୟା ପୁନର୍ବସତି ଓ ଥଇଥାନ ମଞ୍ଚ ବୋଲି କିଛି ନାହିଁ। ନିଜର ସ୍ୱାର୍ଥ ହାସଲ ପାଇଁ ନିଜକୁ ଏହି ମଞ୍ଚର ଆବାହକ ବୋଲି ଦାବୀ କରୁଛନ୍ତି। ଏ ନେଇ ପଦକ୍ଷେପ ନେବାକୁ ସରପଞ୍ଚ ପ୍ରସନ୍ନ କୁମାର ପରିଡା, ସମିତିସଭ୍ୟ କୌଶିକ ବେହେରା, ମଙ୍ଗୁଳି ଚରଣ ଦାସ, ଅକ୍ଷୟ କୁମାର ପରିଡା, କରୁଣାକର ସ୍ୱାଇଁ, ନିରଞ୍ଜନ ସ୍ୱାଇଁଙ୍କ ସମେତ ଶତାଧିକ ପଞ୍ଚାୟତବାସୀ ଦାବିପତ୍ର ପ୍ରଦାନ କରିଛନ୍ତି । ଏ ସଂକ୍ରାନ୍ତରେ ଆମରଣ ଅନଶନର ନେତୃତ୍ୱ ନେଉଥିବା ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, ଥଇଥାନସ୍ଥଳୀରେ କେତେଜଣ ପ୍ରଭାବଶାଳୀ ଲୋକ ନିଜ ପାଇଁ ଜାଗା ନେବା ସହିତ ପୁଅ, ନାତିମାନଙ୍କ ନାଁରେ ମଧ୍ୟ ଜାଗା ଚିହ୍ନଟ କରିଛନ୍ତି। କିନ୍ତୁ ୪୦ ଦଳିତ ପରିବାର ଏବେ ବି ଥଇଥାନରୁ ବାଦ ପଡିଛନ୍ତି। ଆମେ ନ୍ୟାୟ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛୁ । ହେଲେ ଏହାକୁ ଭଣ୍ଡୁର କରିବା ପାଇଁ ସେମାନେ ଚକ୍ରାନ୍ତ କରୁଛନ୍ତି।

## ସବୁଠି ଶିଶୁ ମହୋତ୍ସବ 'ସୁରଭି'



ଶିଶୁ ମହୋତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

ମାର୍ଶାଘାଇ,୨୨।୧୦(ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ପିକରାଳି କପିଳମୁନି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜଗଦ୍ଧାତ୍ରୀ ଆଞ୍ଚଳିକ ସାଧନସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା 'ମୋ ସ୍କୁଲ ଅଭିଯାନ'ର ସଭାପତି ଶିକ୍ଷାବିତ୍ ଗନ୍ଧର୍ବ ଚରଣ ମହାପାତ୍ର, ସମ୍ମାନନୀୟ ଅତିଥି ଭାବେ ଇକୋ କ୍ଲବର ବ୍ଲକ ସଂଯୋଜକ ପ୍ରଫୁଲ୍ଲ ମହାପାତ୍ର, ସିଆରସିସି ବିଭୁତି ଭୂଷଣ ପରିଡ଼ା, ମାଣ୍ଡିଆ ରାଘବପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ପୃଷ୍ଟି ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ପାଠ ପଢା ସହିତ ସେମାନଙ୍କ ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀମାନେ ବକ୍ତବ୍ୟ, ଚିତ୍ରାଙ୍କନ. ପ୍ରବନ୍ଧ ଲିଖନ, କୁଇଜ୍, ସଙ୍ଗୀତ ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ । ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ଦୀପ୍ତି ରଞ୍ଜନ ମହାପାତ୍ର ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷକ ପ୍ରସନ୍ନ କୁମାର ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ବିଶ୍ୱଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଜନଗର,୨୨।୧୦(ଡି.ଏନ.ଏ.)

ରାଜନଗର ବ୍ଲକ ଓସ୍ତିଆ ବନ୍ଧପାଟଣା ନୋଡାଲ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନଶିକ୍ଷକ ନଳିନୀ ରଞ୍ଜନ ରାଉତରାୟ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସ୍ତମ୍ଭକାର ବିଷ୍ଣୁ ଚରଣ ଦାଶ, ଶିକ୍ଷାବିତ୍ ପ୍ରସନ୍ନ କୁମାର ଦାଶ, ନାଏବ ସରପଞ୍ଚ ସର୍ବେଶ୍ୱର ବଳ, ସାମାଜିକ କର୍ମୀ ଅକ୍ଷୟ କୁମାର ନାୟକ, ଶିକ୍ଷାବିତ୍ ଭାଗ୍ୟଧର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧିରେନ ବିଶ୍ୱାଳ, ମୋ ସ୍କୁଲ କାର୍ଯ୍ୟକ୍ରମ ସଭାପତି ତନୁଜ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସିଆରସିସି ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ ସୁରଭି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଉଦ୍‌ବୋଧନ ରଖିଥିଲେ। ଶିକ୍ଷକ ପ୍ରମୋଦ କୁମାର ସେଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସୃଜନାତ୍ମକ ଲିଖନ, ସଙ୍ଗୀତ, କୁଇଜ, ହସ୍ତାକ୍ଷର, ଶ୍ରୁତଲିଖନ, ବକ୍ତୃତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗାଳ୍ପିକ ପ୍ରଦୀପ ନାୟକ, ବାଟୋଇର ସମ୍ପାଦକ କବି ଶତ୍ରୁଘ୍ନ ତରାଇ, ଅରୁଣ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ପୂର୍ବତନ ସିଆରସିସି ହେମନ୍ତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୁବାସ ଚନ୍ଦ୍ର ସାମଲ, ରଶ୍ମୀ ରଞ୍ଜନ ସେଠୀ, ଅଲେଖ କୁମାର ରାଉତ, ନିରାକାର ସେଠୀ, ସତ୍ୟ ନାରାୟଣ ମହାନ୍ତି, ଶ୍ରଦ୍ଧାଞ୍ଜଳି ଦାସ, ରାଜେଶ ପ୍ରଧାନ, ପ୍ରଳୟ ମଲ୍ଲିକ, ଉର୍ମିଳା ପରିଡା, ପଦ୍ମଲୋଚନ ସ୍ୱାଇଁ, ସବିତା ମିଶ୍ର, ମନୋସ୍ୱିନୀ ରଥ, ତାରିଣୀ ପ୍ରିୟଦର୍ଶିନୀ, ଅଭିଲିପ୍ସା ଦାସ ପ୍ରମୁଖ ସହଯୋଗ କରିଥିଲେ।



ଅତିଥି ଜଣେ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି ।

ରାଜକନିକା,(ଡି.ଏନ.ଏ.)

ତରାସ ନୋଡାଲ ଉଚ୍ଚ ବିଦ୍ୟାଳୟ ଆଞ୍ଚଳିକ ସାଧନ ପକ୍ଷରୁ ଶିଶୁ ମହୋତ୍ସବ ସୁରଭି କେଶବାନନ୍ଦ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ସଞ୍ଜୟ ବଳଙ୍କ ସଂଯୋଜନାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ବାଘବୁଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିଲୋଚନ ଦାସ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ କନିକା ପୂଜ୍ୟପୂଜା ପରିଷଦ ର ସମ୍ପାଦକ କପିଳ ମିଶ୍ର, ମୁଖ୍ୟବକ୍ତା ବିଆରସିସି କୈଳାସ ଚନ୍ଦ୍ର ସାହୁ ଓ ସମ୍ମାନିତ ଅତିଥି କେଶବନନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ ଚନ୍ଦ୍ର ଦାସ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୧୧ ସ୍କୁଲର ୧୪୯ ଛାତ୍ରୀଛାତ୍ର ଭାଗ ନେଇ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ସରୋଜକାନ୍ତ ବିହାରୀ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କୃତ କରିଥିଲେ । ଏହି ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭିକୁ ମନୋନୀତ ହୋଇଛନ୍ତି । ଶିକ୍ଷକ ସରୋଜକାନ୍ତ ବଳ, ନରେଶ କୁମାର ବଳ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



ଜଗମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ଶିଶୁ ମହୋତ୍ସବ ସୁରଭି-୨୦୨୨ରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର ।

## ଜାଗୁଲେଇପଡ଼ା କ୍ଲଷ୍ଟରସ୍ତରୀୟ ସୁରଭି

ଡେରାବିଶ,(ସ୍ୱ.ପ୍ର.)

ଡେରାବିଶ ବ୍ଲକ୍ ନରସିଂହପୁର ଉନ୍ନିତ ବିଦ୍ୟାଳୟରେ ଜାଗୁଲେଇପଡ଼ା କ୍ଲଷ୍ଟରସ୍ତରୀୟ ସୁରଭି ଶନିବାର ନରସିଂହପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩ ବିଦ୍ୟାଳୟର ୧୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ରୁ ୧୭ କୃତୀ ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନୀତ କରାଯିବା ସହ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସିଆରସିସି ଲଲାଟ କେଶରୀ ଭୂୟାଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ସ୍ଥାନୀୟ ସରପଞ୍ଚ ସୁଧୀର କୁମାର ଖଟୁଆ, ଜିଲା ବିଜ୍ଞାନ ନିରୀକ୍ଷକ ପୀତବାସ ପଣ୍ଡା, ପୂର୍ବତନ ସିଆରସିସି ଭକ୍ତଚରଣ ସ୍ୱାଇଁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ପଣ୍ଡାଙ୍କ ଅଧକ୍ଷତା କରିଥିଲେ। ସମିତିସଭ୍ୟ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ପରିଚାଳନା କମିଟି ସଭାନେତ୍ରୀ ମାମୁନି ବରାଳ ଓ ୱାର୍ଡ଼ ସଭ୍ୟା ରଶ୍ମିରେଖା ବେହେରା ଯୋଗ ଦେଇଥିଲେ । ଶିକ୍ଷାବିତ୍ ଅତୁଲ୍ୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଶନିବାର ବ୍ଲକ ଅଧୀନ ଖମୋଳ ପଞ୍ଚାୟତ ଖମୋଳ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଉତ୍ସବରେ ପ୍ରଧାନ ଶିକ୍ଷକ ସାନ୍ତନୁ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ଉତ୍ସବରେ ଖମୋଳ ସରପଞ୍ଚ ତୃପ୍ତିମୟୀ କର ମୁଖ୍ୟଅତିଥି, ସମିତିସଭ୍ୟ ଅକ୍ଷୟ କୁମାର ନାୟକ, ପରିଚାଳନା କମିଟି ସଭାପତି ଚାନ୍ଦିନୀ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ।

# 'ଉତ୍ତମ ନାଗରିକ ହେବା ପାଇଁ ସ୍ୱପ୍ନ ଦେଖ'

ମହାକାଳପଡ଼ା,୨୨।୧୦(ଡି.ଏନ.ଏ.)

**ଶିଶୁ ମହୋତ୍ସବ ସୁରଭି -୨୦୨୨**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବାରଡାଙ୍ଗ ଜଗମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ ସ୍ଥାନୀୟ ବଡ଼ତୋଟାସ୍ଥିତ ମା'ଅମ୍ବିକା ସୁନ୍ଦରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କ୍ଲଷ୍ଟର ଅଧୀନ ୧୬ ସ୍କୁଲର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଉଳକଣି ପଞ୍ଚାୟତ ସରପଞ୍ଚ ସାଲବେଗ ମାହାଳୀ ଓ ସମିତି ସଭ୍ୟ ପ୍ରିୟଙ୍କା ମଲ୍ଲିକ ଯୋଗ ଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ଛାତ୍ରୀଛାତ୍ରମାନେ ଦେଶର ଭବିଷ୍ୟତ । ଉପାନ୍ତ ଗାଁର ଛୋଟ ଶିଶୁ ଦୌପଦୀ ମୁର୍ମୁ କେବେ ଭାବି ନ ଥିଲେ ଦେଶର ରାଷ୍ଟ୍ରପତି ହେବେ । ତାଙ୍କର ନିଷ୍ଠାପର ସାଧନା, ଦାୟିତ୍ୱବୋଧ ଯୋଗୁ ସେ ଆଜି ସେହି ପଦବୀରେ ବସି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ତୁମେମାନେ ବି ଦେଶର ଉତ୍ତମ ନାଗରିକ ହେବା ପାଇଁ ସ୍ୱପ୍ନ ଦେଖ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସିଆରସିସି ପ୍ରଦ୍ୟୁମ୍ନ କୁମାର ଦାସ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ କବିର ମଲ୍ଲିକ , ପ୍ରମୋଦ କୁମାର ଜେନା , ଅମରେଶ ଖଟୁଆ , ଆଦିକନ୍ଦ ସାହୁ , ଦିଲ୍ଲୀପ ସାହୁ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# 'ଶିକ୍ଷା ମଣିଷର ମାନଦଣ୍ଡ'

ବିରିଡ଼ି/ବାଲିଆ,୨୨।୧୦(ଡି.ଏନ.ଏ./ସ୍ୱ.ପ୍ର.)

ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁର ଅଷ୍ଟଶମ୍ଭୁ ଉଚ୍ଚ ବାଳିକା ବିଦ୍ୟାଳୟର ନୂତନ ସାଇକେଲ ଷ୍ଟାଣ୍ଡ ଶୁକ୍ରବାର ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାତ ନଳିନୀ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଜଗତ୍‌ସିଂହପୁର ଜିଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ମମତା ପାତ୍ର, ଉପାଧକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ପୂର୍ବତନ ବ୍ଲକ ଅଧକ୍ଷ ରବିନାରାୟଣ ଜେନା, ଆମ୍ବ କମିଟି ଅଧକ୍ଷ ପ୍ରତାପ ବେହେରା, ସରପଞ୍ଚ ଆରତି ଭୂୟାଁ, ସମିତି ସଭ୍ୟ ସନ୍ତୋଷ ନାୟକ, ସଂଖ୍ୟାଲଘୁ ସେଲ୍‌ର ମିର୍‌ଆଜ୍‌ମିର୍ ଅଲ୍ଲୀ ଓ ପବିତ୍ର ପଶାୟତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ଦାସ କହିଥିଲେ, ଏବେ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ମୁଖ୍ୟମନ୍ତ୍ରୀ ଅଧିକ ଗୁରୁତ୍ୱ ଦେଇଛନ୍ତି । ଶିକ୍ଷା ହେଉଛି ମଣିଷର ମାନଦଣ୍ଡ। ଏହି ଅବସରରେ ୨୦୨୨ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀମାନଙ୍କୁ ବିଦ୍ୟାଳୟ ପକ୍ଷରୁ ପ୍ରମାଣପତ୍ର ଦିଆଯାଇଥିଲା । ବିଦ୍ୟାଳୟ ଶିକ୍ଷୟିତ୍ରୀ ନମିତା ଚୌଧୁରୀ ସଭା ସଞ୍ଚାଳନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ କୀର୍ତ୍ତିପ୍ରଭା ଦାସ ଧନ୍ୟବାଦ ଦେଇଥିଲେ । ସେହିପରି ହାଜିପୁରସ୍ଥିତ ଧ୍ୟାନଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚି ବିଧାୟକ ଦାସ ବିଭିନ୍ନ ସମସ୍ୟା ବୁଝିଥିଲେ। ଅଧକ୍ଷ ଦେବ କଲ୍ୟାଣ ପଣ୍ଡା ଏସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ଆମ୍ବ କମିଟି ଅଧକ୍ଷ ପ୍ରତାପ ବେହେରା, ରବି ନାରାୟଣ ଜେନା ଓ ବ୍ଲକ ଅଧକ୍ଷା ମମତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପିଲାଙ୍କୁ ମିଳୁନି ସ୍କୁଲ ୟୁନିଫର୍ମ, ଜୋତା

**ମାରେଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ସ୍କୁଲ୍ ୟୁନିଫର୍ମ ବାବଦରେ ୪୦୦, ଜୋତା ପାଇଁ ୨୦୦ ଟଙ୍କା ଦିଆଯାଉଛି

ନାଉଗାଁ,୨୨।୧୦(ସ୍ୱ.ପ୍ର.)

ବିଦ୍ୟାଳୟରେ ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ଦେବା ସହ ବର୍ଷକୁ ୨ ହଳ ସ୍କୁଲ ୟୁନିଫର୍ମ ଏବଂ ହଳେ ଜୋତା ଦେବାକୁ ସରକାରଙ୍କ ତରଫରୁ ନିୟମ କରାଯାଇଛି। ଏ ନେଇ ପ୍ରତି ପିଲାଙ୍କ ୟୁନିଫର୍ମ ବାବଦରେ ୪୦୦ ଓ ଜୋତା ବାବଦରେ ୨୦୦ ଟଙ୍କା ଲେଖାଏ ସ୍କୁଲକୁ ପ୍ରଦାନ କରାଯାଉଛି। ନିୟମାନୁସାରେ ବିଦ୍ୟାଳୟ ଶିକ୍ଷା କମିଟି ୟୁନିଫର୍ମ ବଣ୍ଟନରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ମାତ୍ର ଯେଉଁଠି ଶିକ୍ଷା କମିଟି ନାହିଁ ସେଠାରେ ଅଭିଭାବକମାନଙ୍କୁ ଡକାଯାଇ ଏ ସମ୍ପର୍କରେ ବୈଠକ କରାଯିବ। ବୈଠକରେ କେଉଁ ଭେଣ୍ଡରକୁ ୟୁନିଫର୍ମ ଯୋଗାଣ ପାଇଁ ଅନୁମତି ଦିଆଯିବ ସେ ବାବଦରେ ଆଲୋଚନା କରାଯାଇ ୟୁନିଫର୍ମ ଓ ଜୋତା ପାଇଁ ଅର୍ଡର ଦିଆଯିବ। କିନ୍ତୁ ନାଉଗାଁ ବ୍ଲକର ନାଉଗାଁ ପଞ୍ଚାୟତ ମାରେଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏପର୍ଯ୍ୟନ୍ତ ଡ୍ରେସ୍ ବଣ୍ଟନ କରାଯାଇପାରୁନାହିଁ। ଫଳରେ ଅଭିଭାବକ ଓ ପିଲାମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରତି ଶିକ୍ଷାବର୍ଷର ୩୧ ଅଗଷ୍ଟ ମଧ୍ୟରେ ବ୍ଲକର ପ୍ରତ୍ୟେକ ବିଦ୍ୟାଳୟରେ ଏହି ୟୁନିଫର୍ମ ଓ ଜୋତା ବଣ୍ଟନ କରାଯିବା କଥା। କିନ୍ତୁ ରାଜନୈତିକ ଛକାପଞ୍ଝା ଯୋଗୁ ଏପର୍ଯ୍ୟନ୍ତ ବଣ୍ଟନ ହୋଇପାରୁ ନ ଥିବା ଚର୍ଚ୍ଚା ହେଉଛି। ଫଳରେ ବିଦ୍ୟାଳୟର ୨୨୦ ପିଲା ୟୁନିଫର୍ମ ଓ ଜୋତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଅଭିଭାବକମାନେ ୧୨ ଅକ୍ଟୋବରରେ ବିଡିଓ ରଶ୍ମିରେଖା ମଲିକ ଓ ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଶୁଭାକାଂକ୍ଷୀ ମହାରଣା କହିଛନ୍ତି, ଭେଣ୍ଡର ଚୟନରେ ସମସ୍ୟା ହେଉଥିବା ଯୋଗୁ ଏପର୍ଯ୍ୟନ୍ତ ୟୁନିଫର୍ମ ବଣ୍ଟନ ହୋଇପାରିନାହିଁ। ଏ ବିଷୟରେ ବିଇଓଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି।

# ପରିତ୍ୟକ୍ତ ଅବସ୍ଥାରେ ଗାନ୍ଧୀ ଉଦ୍ୟାନ

- ଶିଶୁ ଓ କିଶୋରଙ୍କ ଉଦ୍ଦେଶ୍ୟରେ ହୋଇଥିଲା
- ୨୦୦୯ରେ ଉଦ୍‌ଘାଟନ ହେଲା
- ସରୀସୃପଙ୍କ ଆଶ୍ରୟସ୍ଥଳ ପାଲଟିଛି
- ପୂତିଗନ୍ଧମୟ ପରିବେଶ ହୋଇଛି

ଏରସମା,୨୨।୧୦(ସ୍ୱ.ପ୍ର.)




ଏରସମା ବ୍ଲକ ମୁଖ୍ୟାଳୟରେ ଶିଶୁମାନଙ୍କ ଉଦ୍ଦେଶ୍ୟରେ ନିର୍ମିତ ଗାନ୍ଧୀ ଉଦ୍ୟାନ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ବିଭିନ୍ନ ସଙ୍ଗଠନ ପକ୍ଷରୁ ଏହାର ପୁନରୁଦ୍ଧାର ପାଇଁ ଦାବି ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏରସମାର ଶିଶୁ ଓ କିଶୋରମାନଙ୍କ ଅବସର ବିନୋଦନ ପାଇଁ ପୂର୍ବତନ ବିଡିଓ ମୁରଲୀଧର ସ୍ୱାଇଁ ଏହି ଶିଶୁ ଉଦ୍ୟାନ ୨୦୦୮ରେ ନିର୍ମାଣ ଆରମ୍ଭ କରିଥିଲେ । ୪।୬।୨୦୦୯ରେ ଏହି ଉଦ୍ୟାନକୁ ପୂର୍ବତନ କୃଷି, ସମବାୟ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଦାମୋଦର ରାଉତ ଉଦ୍‌ଘାଟନ କରିଥିଲେ। ଉଦ୍ୟାନରେ ସୁନ୍ଦର ଫାଟକ ନିର୍ମାଣ କରାଯିବା ସହ ପିଲାଙ୍କ ଆମୋଦପ୍ରମୋଦ ପାଇଁ ଦୋଳି, ଖସଡ଼ା, ଶିଡି ଆଦିର ବ୍ୟବସ୍ଥା କରାଯାଇଛି। ବିଭିନ୍ନ କିସମର ଫୁଲଗଛରେ ଭରପୂର କରାଯାଇଛି । ବଗିଚା ବୁଲିବା ପାଇଁ ସୁନ୍ଦର ରାସ୍ତା କରାଯାଇଛି। ଉଦ୍ୟାନ ଉପଭୋଗ କରିବା ପାଇଁ ୮ ସିମେଣ୍ଟ ବେଞ୍ଚ୍ ଗଛ ଗଣ୍ଡି ଆକୃତିର କରାଯାଇଛି। ନିରାପତ୍ତା ପାଇଁ ଉଦ୍ୟାନର ଚତୁଃପାର୍ଶ୍ୱରେ କମକୁଟ ପ୍ରାଚୀର ନିର୍ମାଣ କରାଯାଇଛି । ମାତ୍ର ପରିତାପର ବିଷୟ, ରକ୍ଷଣାବେକ୍ଷଣ ଅଭାବରୁ ଏହି ଉଦ୍ୟାନ ଏବେ ସରୀସୃପମାନଙ୍କ ଆଶ୍ରୟସ୍ଥଳ ପାଲଟିଛି। ସେଠାରେ ବିଭିନ୍ନ ପଚାଶଢ଼ା ଜିନିଷ ପକାଯାଉଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଫଳରେ ଉଦ୍ୟାନକୁ ଲାଗି ନିର୍ମାଣ କରାଯାଇଥିବା ବସ୍‌ଷ୍ଟାଣ୍ଡ ବିଶ୍ରାମାଗାରରେ ଯାତ୍ରୀମାନେ ବସିପାରୁନାହାନ୍ତି । ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

**ଏମାନେ ଯାହା କୁହନ୍ତି ...**

" ଶିଶୁମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ନିର୍ମାଣ କରାଯାଇଥିବା ଉଦ୍ୟାନ ଏବେ ସାପଙ୍କ ଆଶ୍ରୟସ୍ଥଳ ପାଲଟିଛି। ଏଥିସହ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ନିବେଦନ କରୁଛି ।

**-ପ୍ରବୀର ପଣ୍ଡା, ସଭାପତି,ସଚେତନ ନାଗରିକମଞ୍ଚ ଏରସମା**

" ପଞ୍ଚାୟତ ବୈଠକରେ ଶିଶୁ ଉଦ୍ୟାନର ପୁନରୁଦ୍ଧାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି । ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ।

**-ସଚ୍ଚିଦାନନ୍ଦ ଦାସ, ଏରସମା ସରପଞ୍ଚ**

# ଗଞ୍ଜାମର ସବୁ ସହରରେ ହେବ ଟ୍ରାଫିକ୍ ପାର୍କ

**ଛତ୍ରପୁର,୨୨।୧୦(ଡି.ଏନ୍.ଏ.)**

ଚଳିତବର୍ଷ ରାଜ୍ୟରେ ସଡକ ଦୁର୍ଘଟଣାରେ ସର୍ବାଧିକ ମୃତ୍ୟୁ ଗଞ୍ଜାମ ଜିଲାରେ ହୋଇଛି। ଏଥିସହ ଦୁର୍ଘଟଣାରେ ମଧ ଗଞ୍ଜାମ ଜିଲା ରାଜ୍ୟରେ ଦୁଇ ନମ୍ବରରେ ରହିଛି । ଏହି ପରିପ୍ରେକ୍ଷୀରେ ସଡ଼କ ସୁରକ୍ଷା ନେଇ ସଚେତନତା ଉପରେ ଗୁରୁତ୍ୱ ଦିଆଯାଉଛି । ଜିଲାର ବ୍ରହ୍ମପୁର ମହାନଗର ସମେତ ସମସ୍ତ ସହରରେ ଗୋଟିଏ ଲେଖାଏ ଟ୍ରାଫିକ୍ ପାର୍କ-ଟ୍ରେନିଂ ସେଣ୍ଟର ପ୍ରତିଷ୍ଠା କରାଯିବାକୁ ପରିବହନ ବିଭାଗ ନିଷ୍ପତ୍ତି ନେଇଛି। ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଏହାର ମୂଳ ଲକ୍ଷ୍ୟ । ଏହି ଟ୍ରାଫିକ୍ ପାର୍କ-ଟ୍ରେନିଂ ସେଣ୍ଟର ପ୍ରତିଷ୍ଠା ପାଇଁ ଜିଲାର ସବୁ ସହରରେ ଜମି ଆବଶ୍ୟକ ପଡ଼ିବ। ଉକ୍ତ ଜମି ଚିହ୍ନଟ ପାଇଁ ବ୍ରହ୍ମପୁର ମହାନଗର ନିଗମର କମିଶନର, ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଏବଂ ୧୬ ଏନ୍ଏସିର ନିର୍ବାହୀ ଅଧିକାରୀଙ୍କୁ ପରିବହନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି । ସୂଚନାଯୋଗ୍ୟ, ଜିଲାରେ ୧୦ ପ୍ରତିଶତ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର କମାଇବା ଲାଗି ରକ୍ଷକ ତାଲିମ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନକୁ ବ୍ଲାକ୍ ସ୍ପଟ୍ ଭାବେ ଚିହ୍ନଟ ହୋଇଛି । ବ୍ରହ୍ମପୁର ସହର, ଲାଞ୍ଜିପଲ୍ଲୀ, ହରିଡାଖଣ୍ଡି, ଛତ୍ରପୁର, କୁକୁଡାଖଣ୍ଡି, ଗୋଳନ୍ତରା, ଜଗନ୍ନାଥପୁର ଛକ, ଅଗସ୍ତିନୂଆଗାଁ, ଦିଗପହଣ୍ଡି ଓ କେଶପୁର ଆଦି ସମ୍ବେଦନଶୀଳ ସ୍ଥାନ ଓ ବ୍ଲାକ୍ ସ୍ପଟ ପାଇଁ ୫୨୦ ଜଣ ସ୍ୱେଚ୍ଛାସେବୀଙ୍କୁ ରକ୍ଷକ ତାଲିମ ଦିଆଯାଇଥିବା ପରିବହନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏଥିସହ ବ୍ରହ୍ମପୁର ଓ ଗଞ୍ଜାମ ପୋଲିସ ଜିଲାର ୮୦ ଜଣ କନଷ୍ଟେବଲ ଓ ହୋମଗାର୍ଡଙ୍କୁ ଫାଷ୍ଟ ଏଡ୍ ତାଲିମ ଦିଆଯାଇଛି ।

# ଦଶପଲ୍ଲାରେ ଶିଶୁ ମହୋତ୍ସବ 'ସୁରଭି'



ସୁରଭି କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

**ଦଶପଲ୍ଲା,୨୨।୧୦(ଡି.ଏନ.ଏ.)**

ନୟାଗଡ଼ ଜିଲାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୋଳାହାଣ୍ଡି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଛି ମଧ୍ୟଖଣ୍ଡ କ୍ଲଷ୍ଟର ଶିଶୁ ମହୋତ୍ସବ ସୁରଭି । ଏଥିରେ ୧୦ ବିଦ୍ୟାଳୟରୁ ବରିଷ୍ଠ ଓ କନିଷ୍ଠ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଥିଲେ । ମୁଖ୍ୟଅତିଥି ଘୋଳାହାଣ୍ଡି ପଞ୍ଚାୟତର ସରପଞ୍ଚ ଅରୁଣ କୁମାର ସ୍ୱାଇଁ ଓ ରମେଶ କୁମାର ପରିଡ଼ା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତି ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ଗହଣରେ ଏହି ଉତ୍ସବ ଶେଷ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ମଧ୍ୟଖଣ୍ଡ କ୍ଲଷ୍ଟରର ସାଧନା କେନ୍ଦ୍ର ସଂଯୋଜକ ଭଗବାନ ଦେହୁରୀ ।

## ସଂକ୍ଷେପରେ

### ମୋ ୱାର୍ଡ ମୋ ଦାୟିତ୍ୱ କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର,୨୨।୧୦(ଡି.ଏନ୍.ଏ.)- କବିସୂର୍ଯ୍ୟନଗର ଏନ୍ଏସି ୱାର୍ଡ ନଂ.୩ ଅରବିନ୍ଦନଗର ହନୁମାନ ମନ୍ଦିରଠାରେ ମୋ ୱାର୍ଡ ମୋ ଦାୟିତ୍ୱ କାର୍ଯ୍ୟକ୍ରମ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍ଏସି ଅଧକ୍ଷା ଏସ. ଲକ୍ଷ୍ମୀ ସେଠୀ, ଉପାଧକ୍ଷ ବିକ୍ରାନ୍ତ କୁମାର ସାହୁ, କାଉନ୍ସିଲର ପ୍ରିୟଙ୍କା ସୁବୁଦ୍ଧି ଓ ତାଙ୍କ ପ୍ରତିନିଧି ସୂର୍ଯ୍ୟନାରାୟଣ ନାୟକ ଏବଂ ଏନ୍ଏସି କର୍ମଚାରୀ ଯୋଗ ଦେଇଥିଲେ। ଏଥିରେ ଲୋକଙ୍କ ବ୍ୟକ୍ତିଗତ ସରକାରୀ ଯୋଜନା ଓ ଡ୍ରେନ ସଫେଇ, କଲଭର୍ଟ ନିର୍ମାଣ, ମୁକ୍ତ ଶୌଚାଳୟ ମୁକ୍ତ କରିବା, ରାସ୍ତାରେ ଗୃହପାଳିତ ପଶୁମୁକ୍ତ, ବର୍ଷାଜଳ ନିଷ୍କାସନ ଆଦି ବହୁ ପ୍ରସଙ୍ଗ ୱାର୍ଡବାସୀ ଅଭିଯୋଗ ଆଣିଥିଲେ। ଏହାକୁ ଅଧକ୍ଷା, ଉପାଧକ୍ଷ, ନିର୍ବାହୀ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ସମାଧାନ କରିବେ ବୋଲି ୱାର୍ଡବାସୀଙ୍କୁ କହିଥିଲେ। ମୁଖ୍ୟପ୍ରସଙ୍ଗ ମାସିକ ପରିମଳ ଟିକସ ୧୫ ଟଙ୍କା ୱାର୍ଡବାସୀ ସହଯୋଗ କରିବେ ବୋଲି କଥା ଦେଇଥିଲେ।

### ଖାଦ୍ୟ ନିରାପତ୍ତା ଲାଗି ପୌର ପ୍ରଶାସନର ଚଢ଼ାଉ

ପାରଳାଖେମୁଣ୍ଡି,୨୨।୧୦(ଡି.ଏନ୍.ଏ.)- ପାରଳାଖେମୁଣ୍ଡି ପୌର ପରିଷଦ ଓ ଜିଲା ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ସହରର ବିଭିନ୍ନ ହୋଟେଲ, ଫାଷ୍ଟଫୁଡ ସେଣ୍ଟର ଓ ଉଠାଜଳଖିଆ ଦୋକାନ ଉପରେ ମିଳିତ ଚଢ଼ାଉ କରାଯାଇଛି। ସହରର ବିଭିନ୍ନ ସ୍ଥାନ ବିଶେଷକରି ରାଜଦାଣ୍ଡ ସାହିରେ ବହୁ ଫାଷ୍ଟଫୁଡ ସେଣ୍ଟର, ଜୁସ ଦୋକାନ ଆଦି ଖୋଲିଛି। ସନ୍ଧ୍ୟା ହେଲେ ସେଠାରେ ଲୋକଙ୍କ ପ୍ରବଳ ଭିଡ଼ ହେଉଛି। ଏସବୁ ଦୋକାନରେ ଖାଦ୍ୟର ମାନ ଓ ଗୁଣବତ୍ତାକୁ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହୋଇଆସୁଛି। ଏହାକୁ ଆଧାର କରି ଶନିବାର ପୌର ପରିଷଦର ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ଉପଜିଲାପାଳ ଆଲୋକ କୁମାର ପ୍ରଧାନ, ସ୍ଥାନୀୟ ତହସିଲଦାର ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପୋଲିସ ସହାୟତାରେ ଚଢ଼ାଉ କରିଥିଲେ। ବିଭିନ୍ନ ଦୋକାନରେ ବାସିଖାଦ୍ୟ ଥିବା ଓ ଅସ୍ୱାସ୍ଥ୍ୟକର ପରିବେଶ ଦେଖି ଜରିମାନା ଆଦାୟ କରିଥିଲେ। ଯେଉଁ ଦୋକାନଗୁଡିକର ଫୁଡ ଲାଇସେନ୍ସ ନାହିଁ, ତୁରନ୍ତ ଲାଇସେନ୍ସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ପଞ୍ଚାୟତ ସମିତି ତରଫରୁ ଭତ୍ତା ବଣ୍ଟନ ମେଳା

ବୁଗୁଡା,୨୨।୧୦(ଡି.ଏନ୍.ଏ.)-ବୁଗୁଡ଼ା ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପଠାରେ ବୁଗୁଡା ପଞ୍ଚାୟତ ସମିତିର ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓଡ଼ିଶା ସରକାର ତରଫରୁ ଶୁକ୍ରବାର ଭତ୍ତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ତନ୍ମୟ ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ୭୬୨ ଜଣ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ, ବିଧବା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ବୁଗୁଡା ବ୍ଲକ ଅଧକ୍ଷା ପ୍ରିୟଦର୍ଶିନୀ ଆଚାରୀ, ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ଏନ୍ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସୁପ୍ରିୟା ତ୍ରିପାଠୀ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ହିତାଧିକାରୀ ଉପସ୍ଥିତ ଥିଲେ।

### ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚର ତାଲିମ

ଜି.ଉଦୟଗିରି,୨୨।୧୦(ଡି.ଏନ୍.ଏ.)- ଜି.ଉଦୟଗିରିସ୍ଥିତ ସମନ୍ୱିତ ସଭା ଗୃହଠାରେ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଆକ୍ସନ ଏଡ୍ ସହାୟତାରେ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚର ସଭ୍ୟାସଭ୍ୟ ଓ କିଶୋରୀ ବାଳିକା ଓ ବାଳକମାନଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାରେ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଓ ବାଳିକାମାନେ ଯେପରି ବିଦ୍ୟାଳୟ ଓ କଲେଜ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ସଚେତନ ହେବାକୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ, ମେଡିକାଲ ଅଫିସର ଡାକ୍ତର ରତିକାନ୍ତ ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ସଙ୍ଗୀତା ବେହେରା, ଅନ୍ତରଙ୍ଗ ଯୁବକ ମହାସଂଘର ହୃଷୀକେଶ ପ୍ରଧାନ ଓ ପୋଲିସ ଅଧିକାରୀ ସମସ୍ତଙ୍କୁ ସଚେତନ କରିଥିଲେ। ଆମ ଦୁହିତା ଜଗତ ଜିତା କାର୍ଯ୍ୟକ୍ରମରେ କିଶୋରୀ ଓ କିଶୋରମାନଙ୍କୁ ସାମିଲ କରାଯାଇ ସେମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଆକ୍ସନ ଏଡ୍‌ର ସଂଯୋଜିକା ସନ୍ଧ୍ୟାରାଣୀ ମହାନ୍ତି ପରିଚାଳନା କରିଥିଲେ। ଅଙ୍ଗନୱାଡି କର୍ମୀ, ଶିଶୁ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

# ଗ୍ରାମୀଣ ମେଧା, ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

**ଦଶପଲ୍ଲା,୨୨।୧୦(ଡି.ଏନ.ଏ.)**

ସାହିତ୍ୟ ସଙ୍ଗଠନ ମାଟିର ସ୍ୱର ତରଫରୁ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସରିଗଣ୍ଡା ପଞ୍ଚାୟତର ନେଲିଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗାନ୍ଧିଜୀଙ୍କ ଜୀବନ ଆଦର୍ଶ ଉପରେ ଆଧାରିତ ରାଜ୍ୟସ୍ତରୀୟ ଗ୍ରାମୀଣ ମେଧା ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପୃକ୍ତ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ କୁଇଜ୍‌ରେ ସହଯୋଗ କରିଥିଲେ । ଗାନ୍ଧୀଙ୍କ ବିଚାର ଧାରା ଉପରେ ଆଧାରିତ କେତେକ ମୌଳିକ ତଥା ସାଧାରଣ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଡି କାର୍ଯ୍ୟକ୍ରମକୁ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକ ଅଜୟ କୁମାର ବେହେରା ପରିଚାଳନା କରିଥିବା ବେଳେ ସଙ୍ଗଠନର ସଦସ୍ୟ ତଥା ସାମାଜିକ କର୍ମୀ ପ୍ରଭାତ କୁମାର ସାହୁ ଏହି ଅଭିଯାନର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ । ସମସ୍ତ ଛାତ୍ରୀଛାତ୍ରଙ୍କୁ ପେନ୍, ପେନସିଲ୍, ରବର, ଗାନ୍ଧୀ କଥା ପୁସ୍ତକ ଓ ମାଟିର ସ୍ୱର କବିତା ସଙ୍କଳନ ଇତ୍ୟାଦି ପ୍ରଦାନ କରାଯାଇଥିଲା।

## ବିଦ୍ୟୁତ୍ ବିଭାଗ ପକ୍ଷରୁ ସଚେତନତା ଶିବିର

**ଆର.ଉଦୟଗିରି,୨୨।୧୦(ଡି.ଏନ୍.ଏ.)**

ଆର.ଉଦୟଗିରି ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଠାରେ ଟିପିଏସ୍ଓଡିଏଲ୍ ପକ୍ଷରୁ ଆଦର୍ଶ ପଞ୍ଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜମେସ ରାଇକା ଓ ସମ୍ମାନିତ ଅତିଥି ଭାବେ ବିଦ୍ୟୁତ୍ ଉପଖଣ୍ଡୀୟ ଅଧିକାରୀ ଦେବଦତ୍ତ ପଟ୍ଟନାୟକ ଯୋଗ ଦେଇଥିଲେ। ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ରତିରଞ୍ଜନ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତ୍ରୁଟିଶୂନ୍ୟ ବିଦ୍ୟୁତ ବିଲ୍ ଯୋଗାଣ, ଶକ୍ତି ସଂରକ୍ଷଣ, ଶୂନ୍ୟ ବିଲ୍ ବିବାଦ ମାମଲା ଓ ଶୂନ୍ୟ ବକେୟା ସମ୍ପର୍କରେ ସଚେତନ କରାଯାଇଥିଲା। ଶିବିରରେ ଅଭିଯୋଗ ଆସିଥିଲା ଯେ, ଟାଟା କମ୍ପାନୀ ବିଦ୍ୟୁତ ବଣ୍ଟନ ଦାୟିତ୍ୱ ନେବାଠାରୁ ହିତାଧିକାରୀଙ୍କୁ ଲୁଟିବାରେ ବ୍ୟସ୍ତ ରହୁଛି। ପୂର୍ବରୁ ଯେଉଁ ହିତାଧିକାରୀଙ୍କ ବିଦ୍ୟୁତ୍ ବିଲ ୨୫୦ରୁ ୪୦୦ ଟଙ୍କା ଆସୁଥିଲା, ଏବେ ସେହି ବିଲ ୧୦୦୦ ରୁ ୩୦୦୦ ଟଙ୍କା ଆସୁଛି। ଏହି ବିଷୟ ବିଦ୍ୟୁତ ବିଭାଗକୁ ଜଣାଇଥିଲେ ମଧ କେହି ଶୁଣିବାକୁ ନାରାଜ। ସେପଟେ ଟଙ୍କା ଜମା ନ କଲେ ବିଦ୍ୟୁତ୍ ବିଚ୍ଛିନ୍ନ କରାଯିବ ବୋଲି ଧମକ ଦିଆଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଦିନକ ମଧରେ ୧୦ରୁ ଉର୍ଦ୍ଧ୍ୱ ଥର ବିଦ୍ୟୁତ କାଟ ହେଉଛି। ଏସବୁ ସମସ୍ୟା ଦୂର କରିବାକୁ ଦାବି ଉଠିଥିଲା।

# କାକାଙ୍କୁ ଆଜୀବନ କାରାଦଣ୍ଡ

## ଝିଆରୀ ହତ୍ୟା ମାମଲାର ରାୟ ପ୍ରକାଶ

**ନୟାଗଡ଼ ଅଫିସ,୨୨।୧୦**

ନୟାଗଡ଼ ଜିଲା ଦୌରାଜଜଙ୍କ କୋର୍ଟରେ ନୟାଗଡ଼ ଜିଲା ଦଶପଲ୍ଲା ସହର ଦେଉଳମାଳିସାହି ଝିଆରୀ ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି । ଏହି ଘଟଣାରେ ଜିଲା ଜଜ ରୂପଶ୍ରୀ ଚୌଧୁରୀ ହତ୍ୟାକାରୀ କାକା ବିପିନ ଦାସ(୩୮)ଙ୍କୁ ୩୦୨ ଦଫାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସେହିପରି ୧୦ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଅଛି । ଜରିମାନା ଅନାଦେୟ ୬ମାସ ଜେଲ ଭୋଗିବାକୁ ପଡିବ ବୋଲି ନିର୍ଦ୍ଦେଶ ରହିଛି । ମାମଲାର ବିବରଣୀ ଅନୁଯାୟୀ,ଦଶପଲ୍ଲା ଦେଉଳମାଳିସାହିର ବଂଶୀଧର ଦାସଙ୍କ ଝିଅ ନବଦିତା (୧୮) ଜଣେ କଳାକାର । ସେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରିଥାନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରେ ମୋବାଇଲ ଦେଖି ସଙ୍ଗୀତ ଅଭ୍ୟାସ କରନ୍ତି । ନବଦିତାଙ୍କ ବାପା ବିରଞ୍ଚି ବାହାରେ ରୁହନ୍ତି । ନବନିତା ଜେଜେ ବାପା ବଂଶୀଧରଙ୍କ ପାଖରେ ରୁହନ୍ତି । ବିଭିନ୍ନ ସମୟରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମୋବାଇଲ ଦେଖିବାକୁ ନବଦିତାଙ୍କୁ କାକା ବିପିନ ବିରୋଧ କରୁଥିଲେ । ଏଭଳି ସ୍ଥଳେ ୨୦୨୦ ମେ ୩୦ରେ କାକା ବିପିନ ଘରକୁ ବିଳମ୍ବିତ ରାତିରେ ଫେରିଥିଲେ । ନବଦିତା ମୋବାଇଲ ଦେଖୁଥିବାରୁ ତାଙ୍କ ଉପରେ ବିରକ୍ତ ହୋଇଥିଲେ । ଏତିକିରେ କଥା ସରି ନ ଥିଲା । ବିପିନ ଏକ ମହୁଲ ଠେଙ୍ଗାରେ ନବଦିତାଙ୍କ ମୁଣ୍ଡକୁ ପିଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ଦଶପଲ୍ଲା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୭୧/୨୦) ରୁଜୁ କରି ବିପିନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ବିଷ୍ଣୁ ପ୍ରସାଦ ମହାପାତ୍ର ମକଦ୍ଦମା ପରିଚାଳନା କରିଥିଲେ ।

# ମୁଖ୍ୟ ବଜାରରୁ ଜବରଦଖଲ ଉଚ୍ଛେଦ



ଜବରଦଖଲ ଉଚ୍ଛେଦ କରାଯାଉଛି ।

**ପାରଳାଖେମୁଣ୍ଡି,୨୨।୧୦(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ପୌରପରିଷଦ ପକ୍ଷରୁ ସହରର ମୁଖ୍ୟବଜାର ରାସ୍ତାରେ ଜବରଦଖଲ ଉଚ୍ଛେଦ କରାଯାଇଛି। ପୌରନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ଆଦର୍ଶ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଏବଂ ପୋଲିସ ଟିମ ଉପସ୍ଥିତିରେ ରାସ୍ତାପାର୍ଶ୍ୱରୁ ଉଠା ଦୋକାନୀ, ପରିବା ବିକାଳି, ବିଭିନ୍ନ ଜଳଖିଆ ଦୋକାନୀ ଓ ଫୁଲ ଦୋକାନରଙ୍କୁ ଉଠାଇ ଦିଆଯାଇଥିଲା। ଏହି ସମୟରେ ଉପସ୍ଥିତ ଅଧିକାରୀ ଓ ଉଠାଦୋକାନୀମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ଦେଖାଯାଇଥିଲା । ପାରଳା ସହରର ମୁଖ୍ୟ ବଜାର ଅଞ୍ଚଳ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ବର୍ଷ ହେଲା ବ୍ୟବସାୟୀମାନେ ବେପାର କରୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଥିଲା। ଦୀର୍ଘଦିନପରେ ପୌର ପ୍ରଶାସନନେଇଥିବା ପଦକ୍ଷେପକୁ ସ୍ୱାଗତ କରାଯାଇଛି। ତେବେ ପୂର୍ବରୁ କୌଣସି ସୂଚନା ନଦେଇ ହଠାତ୍ ଜବରଦଖଲ ଉଚ୍ଛେଦକୁ ନେଇ ବିଭିନ୍ନ ଆଲୋଚନା ହେଉଛି । ସେପଟେ ଅସ୍ଥାୟୀ ଦୋକାନୀ ମାନେ ରାସ୍ତା ଆଡକୁ ମାଡି ଆସିଥିବା ବଡ଼ ବ୍ୟବସାୟୀମାନଙ୍କ ପକ୍କା କୋଠା ଗୃହକୁ କାହିଁକି ଭଙ୍ଗାଯାଉନି ବୋଲି ପ୍ରଶ୍ନ କରିଛନ୍ତି ।

## ମଛାକୋଟ କ୍ଲଷ୍ଟରରେ ସୁରଭି

**ଧରାକୋଟ,୨୨।୧୦(ଡି.ଏନ୍.ଏ.)**

ଧରାକୋଟ ବ୍ଲକ ମଛାକୋଟ କ୍ଲଷ୍ଟରର ସୁରଭି କାର୍ଯ୍ୟକ୍ରମ ମଛାକୋଟ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଏବିଇଓ ପ୍ରଦୀପ କୁମାର ହୋତା ଓ ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶଙ୍କର ସାହୁ ଯୋଗ ଦେଇଥିଲେ। କ୍ଲଷ୍ଟର ଅଧିନସ୍ଥ ସମସ୍ତ ବିଦ୍ୟାଳୟର ଚତୁର୍ଥରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ଯୋଗଦେଇ ତର୍କ, ବକ୍ତୃତା,ଚିତ୍ରାଙ୍କନ, ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ପ୍ରଧାନ ଶିକ୍ଷକ ଉଦ୍ଧବ କର,ସହକାରୀ ଶିକ୍ଷକ କାଳୁ ସ୍ୱାଇଁ ଓ ଶିକ୍ଷୟିତ୍ରୀ ବନିତା କୁମାରୀ ଭୂୟାଁ ପ୍ରମୁଖ ସହଯୋଗ କରିଥିଲେ।

# ମହିଳା ମହାବିଦ୍ୟାଳୟ ପକ୍ଷରୁ ସଫେଇ



ଛାତ୍ରୀମାନେ ସଫେଇ କରୁଛନ୍ତି।

**ପାରଳାଖେମୁଣ୍ଡି,୨୨।୧୦(ଡି.ଏନ୍.ଏ.)**

ପାରଳାଖେମୁଣ୍ଡିସ୍ଥିତ ଯୁକ୍ତ ୩ ମହାବିଦ୍ୟାଳୟ ପରିସରରେ ଏନ୍ଏସ୍ଏସ୍ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଅବସରରେ ସଫେଇ କରାଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ ବ୍ୟୁରୋଙ୍କ ନିର୍ଦ୍ଦେଶକ୍ରମେ ଅଧକ୍ଷା ଡ. ରୀନା ସାହୁ ଏବଂ ଏନ୍ଏସ୍ଏସ୍ ଅଧିକାରୀ ଡ. ଭାରତୀ ପାଣିଗ୍ରାହୀଙ୍କ ମିଳିତ ତତ୍ତ୍ୱାବଧାନରେ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ଓ ଅନ୍ୟ ଛାତ୍ରୀମାନଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସରରୁ ଅଳିଆ ଆବର୍ଜନା, ଅନାବନା ଗଛଲତା ଆଦି ସଫା କରାଯାଇଥିଲା। ଏହି ଅବସରରେ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ଅଧକ୍ଷା ସାହୁ ଯୁବ ସମାଜଙ୍କ ଉଦ୍ୟମ ଏବଂ ଅଧ୍ୟବସାୟ ଦ୍ୱାରା ହିଁ ପରିବେଶ ନିର୍ମଳ ଓ ଦେଶର ହିତ ହୋଇଥାଏ ବୋଲି ବକ୍ତବ୍ୟରେ କହିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ରାଇକିଆ,୨୨।୧୦(ଡି.ଏନ୍.ଏ.)**

ରାଇକିଆ ବ୍ଲକ ବିଜେଡି ତରଫରୁ ଶନିବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେଇଯାଇଛି । ପଦଯାତ୍ରା ବେରେଡ଼ାକିଆ ପଞ୍ଚାୟତରୁ ଆରମ୍ଭ ହୋଇ ରାଇକିଆ ସହର ଏବଂ ମଣ୍ଡାକିଆ ପଞ୍ଚାୟତର ବୁଢ଼ାମହା ପର୍ଯ୍ୟନ୍ତ ଯାଇଥିଲା । ପଥପ୍ରାନ୍ତ ସଭାରେ ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ଜିଲା ପରିଷଦ ଉପାଧକ୍ଷା ସାଧବାଣୀ ନାୟକ, ଜିଲା ମହିଳା ସଭାନେତ୍ରୀ ପୁନମ କହଁର, ରାଇକିଆ ବ୍ଲକ ଅଧକ୍ଷ ପ୍ରିତମ ପ୍ରଧାନ ଯୋଗଦେଇ ଦଳ କିପରି ୨୨ ବର୍ଷ ଧରି ଲୋକଙ୍କୁ ସେବା ଯୋଗାଇ ଆସୁଛି ସେ ସମ୍ପର୍କରେ କହିଥିଲେ। ଏଥିସହ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ ।




ସଭାରେ ଉପସ୍ଥିତ ବିଜେଡି ନେତାମାନେ ।

# ଆନ୍ତଃମହାବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟ

**ଭଞ୍ଜନଗର,୨୨।୧୦(ଡି.ଏନ୍.ଏ.)**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ସଂସଦ ପକ୍ଷରୁ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳ ପଡିଆରେ ଶନିବାର ୫୨ତମ ଆନ୍ତଃ ମହାବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। କଲେଜ ଭାରପ୍ରାପ୍ତ ଅଧକ୍ଷ ରାଜେନ୍ଦ୍ର ଦାସ ଏହାକୁ ଉଦଘାଟନ କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ସ୍ୱାତ୍ୟକି ସାହୁ, ପ୍ରାଧ୍ୟାପିକା ଆରତିବାଳା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପସଭାପତି ଆମାଶ ପାଟମାଝୀ ସ୍ୱାଗତ ଭାଷଣ ଦେଇଥିଲେ। ବିଶ୍ୱବିଦ୍ୟାଳୟ ଖେଳ ପ୍ରଶିକ୍ଷକ ରାଜେଶ ମହାନ୍ତି, ରେଫରୀ ସଚ୍ଚିଦାନନ୍ଦ ଦାସ, ବିକାଶ ସିଂ, ରଶ୍ମିରଞ୍ଜନ ତ୍ରିପାଠୀ, ମୋତିରାମ ରଣସିଂ, ସୁବାସ ଗୌଡ, ପି ଆନନ୍ଦ ରାଓ, ପି ରମେଶ, ପ୍ରବିଣ କୁମାର ଖାଡ଼ଙ୍ଗା, ମାନସ କୁମାର ପ୍ରହରାଜ ପ୍ରମୁଖ ପ୍ରଥମ ଦିନର ୪ଟି ମ୍ୟାଚକୁ ପରିଚାଳନା କରିଥିଲେ। ପ୍ରଥମ ମ୍ୟାଚ ରାଇକିଆ ଜୀବନଜ୍ୟୋତି ମହାବିଦ୍ୟାଳୟ ଓ ଫୁଲବାଣୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମଧ୍ୟରେ ହୋଇଥିଲା। ଏଥିରେ ଫୁଲବାଣୀ ୨-୦ ସେଟରେ ବିଜୟ ହୋଇ ପରବର୍ତ୍ତୀ ରାଉଣ୍ଡକୁ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ ସିଟି କଲେଜ ବ୍ରହ୍ମପୁର ଓ ଇନ୍ଦିରା ସ୍ମାରକୀ କଲେଜ ଚାନ୍ଦିପୁଟ ମଧ୍ୟରେ ହୋଇଥିବା ବେଳେ ଚାନ୍ଦିପୁଟ ବିଜୟୀ ହୋଇଛି। ତୃତୀୟ ମ୍ୟାଚ ଆର୍ ଏନ କଲେଜ ଡୁରା ଓ ଫୁଲବାଣୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମଧ୍ୟରେ ହୋଇଥିଲା। ଏଥିରେ ଡୁରା କଲେଜ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଚତୁର୍ଥ ମ୍ୟାଚ ସିଟି କଲେଜ ବ୍ରହ୍ମପୁର ଓ କେଏସୟୁବି କଲେଜ ଭଞ୍ଜନଗର ମଧ୍ୟରେ ହୋଇଥିଲା। ଏଥିରେ ସିଟି କଲେଜ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି।



ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ମାନେ।

# ନିୟନ୍ତ୍ରଣହୀନ ଟ୍ରାଫିକ୍ ବ୍ୟବସ୍ଥା

■ପାର୍କିଂସ୍ଥଳ ନାହିଁ,ଖୋଲୁଛି ମଲ, ଲଜ୍, ହୋଟେଲ
■ରାସ୍ତା ଅବରୋଧ କରି ଚାଲିଛି ବ୍ୟବସାୟ
■ଛୋଟ ଗାଡ଼ିକୁ ଜରିମାନା,ବଡ଼ ଗାଡ଼ି ପ୍ରତି ଅନୁକମ୍ପା
■ସଡ଼କ ସୁରକ୍ଷା ବୈଠକ ନିଷ୍ପତ୍ତି କାର୍ଯ୍ୟକାରୀ ହେଉନି

ନୟାଗଡ଼ ଅଫିସ,୨୨।୧୦


ଟ୍ରାଫିକ୍ ଛକରେ ଗାଈଙ୍କ ରାସ୍ତା ଅବରୋଧ ।


ରାସ୍ତା ପାର୍ଶ୍ୱରେ ଚାଲିଛି ବ୍ୟବସାୟ ।

ପୁରୀରୁ ଅଲଗା ହୋଇ ନୟାଗଡ଼ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇବା ପରେ ବି ସଦର ମହୁକୁମାର ଚିତ୍ର ବଦଳୁ ନାହିଁ । ବରଂ ଧିରେ ଧିରେ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇ ପଡୁଛି । ପାର୍କିଂ ବ୍ୟବସ୍ଥା ନ କରି ମଲ୍, ବ୍ୟାଙ୍କ, ଲଜ୍, ହୋଟେଲ ଖୋଲୁଛି । ରାସ୍ତାକୁ ଜବରଦଖଲ କରି ଅସ୍ଥାୟୀ ଦୋକାନୀମାନେ ବ୍ୟବସାୟ କରୁଥିଲେ ମଧ କାର୍ଯ୍ୟାନୁଷ୍ଠାନ ନାହିଁ । ରାସ୍ତାରେ ବାଇକ୍ ରଖିଲେ ଚାଳକଙ୍କୁ ଜରିମାନା ଦେବାକୁ ପଡୁଥିବାବେଳେ ବସ, ଟ୍ରକ ମାଲିକଙ୍କୁ ପୋଲିସ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହେଉଛି। ଟ୍ରାଫିକ ଛକରେ ଟ୍ରାଫିକ ନିୟନ୍ତ୍ରଣ କାମଚଳା ନୀତିରେ ଚାଲୁଛି । ସଡ଼କ ସୁରକ୍ଷା ପାଇଁ ଜିଲା ପ୍ରଶାସନର ନିଷ୍ପତ୍ତି କାର୍ଯ୍ୟକାରୀ ହେଉ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି ।

ନୟାଗଡ଼ରେ ଅଧିକାଂଶ ବ୍ୟବସ୍ଥା ବେଆଇନ ଭାବେ ଚାଲି ଥିଲେ ହେଁ ସବୁ ଠିକ ଚାଲିଥିବା କୁହାଯାଉଛି । ଡ୍ରେନ ଓ ରାସ୍ତା ପାର୍ଶ୍ୱରେ ଦୋକାନ ଘର କରାଯାଇଛି । ପୁଣି ଯିଏ ଯେଉଁଠି ପାଇଲା ରାସ୍ତା ଓ ଡ୍ରେନକୁ ଅକ୍ତିଆର କରି ପନିପରିବା, ଫଳ, ଚପଲ, ଡ୍ରେସ ଦୋକାନ ଖୋଲିଛନ୍ତି । ଏହି ସୁଯୋଗରେ ମ୍ୟୁନିପାଲିଟି ଟିକସ ଆଦାୟ କରି ନିଜର ପାଣ୍ଠି ବଢ଼ାଇ ଚାଲିଛି । ଅନ୍ୟପକ୍ଷେ ଏହା କେତେଜଣ କର୍ମଚାରୀଙ୍କ ପାଇଁ ଭଲ ରୋଜଗାର ଦେଇଛି। ପୁରୁଣା ଜେଲ ଠାରୁ ପିଡବ୍ଲ୍ୟୁଡି ଲେନ, ଟ୍ରାଫିକ ଛକରୁ କଲେଜ ରାସ୍ତା ଓ ଖଣ୍ଡପଡ଼ା ରାସ୍ତାରେ ଏମିତି ପସରା ଦେଖିବାକୁ ମିଳୁଛି । ପୁଣି ମାଛ ଓ ମାଂସ ଦୋକାନ ରାସ୍ତାପାର୍ଶ୍ୱରେ ଖୋଲିଛି । ମୁଖ୍ୟ ରାସ୍ତାକୁ ବି ଗୋରୁ ଗାଈ ନିଜ କବ୍ଜାରେ ରଖିଛନ୍ତି । ବୁଲା କୁକୁର ବି ସହରବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଯାତ୍ରୀବାହୀ ବସ, ଟ୍ରକ, ଅଟୋରିକ୍ସା, କାର ବହୁ ଘଣ୍ଟା ଏନଏସି ହାଇସ୍କୁଲଠାରୁ ଥାନା ଛକ, ଓଡ଼ଗାଁ ଓ ଖଣ୍ଡପଡ଼ା ରାସ୍ତାରେ ଅଟକି ରହୁଛନ୍ତି। ଜାତୀୟ ରାଜପଥ ହେଉକି ଜିଲା ସଡ଼କ ପୁରା ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇ ପଡୁଛି। ତେବେ ବସ, କାର, ଟ୍ରକ ଆଦି ଯାନବାହାନ ଚାଳକଙ୍କୁ କହିବାକୁ କେହି ନାହାନ୍ତି। ସେମାନଙ୍କଠାରୁ ଫାଇନ ଆଦାୟ କରାଯାଉ ନାହିଁ । କିନ୍ତୁ ବାଇକ୍ ଚାଳକ ରାସ୍ତାରେ ଗାଡ଼ି ରଖିଲେ ଜରିମାନା ଆଦାୟ ହେଉଛି। ପାର୍କିଂ ସୁବିଧା ନ ଦେଇ ପୋଲିସ ଭଲ ଫାଇନ ଆଦାୟ କରି ବାହାବା ନେଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଏନେଇ ନୟାଗଡ଼ର ପୂର୍ବତନ ନଗରପାଳ ଭବାନୀ ଶଙ୍କର ଦାଶ କୁହନ୍ତି, ଜିଲା ସଦର ମହକୁମାରେ ବିପର୍ଯ୍ୟସ୍ତ ଟ୍ରାଫିକ ସେବାକୁ ସୁଧାରିବାକୁ ଜିଲା ପ୍ରଶାସନ, ପୌର ପ୍ରଶାସନ, ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ କାହାରି ନିଘା ନାହିଁ । ତେବେ ସବୁ ବିଭାଗ ଠିକରେ କାମ କରୁଥିବାର ଡିଣ୍ଡିମ ପିଟାଯାଉଛି । ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା କୁହନ୍ତି, ପୋଲିସ ପକ୍ଷରୁ ବିପର୍ଯ୍ୟସ୍ତ ଟ୍ରାଫିକ ସେବାକୁ ସୁଧାରିବାକୁ ଚେଷ୍ଟା ଜାରି ରହିଛି । ଲୋକଙ୍କୁ ସଚେତନତା କରାଯିବା ସହ ଫାଇନ ଆଦାୟ କରାଯାଉଛି। ତଥାପି ସୁଫଳ ମିଳୁ ନାହିଁ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅମର


@ ବିନୋଦ


@ କାଜଲ


@ ମହେଶ୍ୱର


@ କାହ୍ନୁଚରଣ


@ ତୁଷାରକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ସରପଞ୍ଚଙ୍କ ଜାଲ ଦସ୍ତଖତ କରି ଋଣ ନେବାକୁ ଉଦ୍ୟମ



**ନୟାଗଡ଼ ଅଫିସ,୨୨।୧୦:** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ବାଣିଗୋଛା ପଞ୍ଚାୟତର ସରପଞ୍ଚ ସସ୍ମିତା ମହାଖୁଡ଼ଙ୍କ ଜାଲ ଦସ୍ତଖତ ଓ ସିଲ୍ ବ୍ୟବହାର କରି ପୂର୍ବତନ ନାଏବ ସରପଞ୍ଚ ଏକ ଘରୋଇ ଫାଇନାନ୍ସ ସଂସ୍ଥାରୁ ଋଣ ନେବାକୁ ଉଦ୍ୟମ କରିଥିଲେ । ଏନେଇ ସରପଞ୍ଚ ଜାଣିବା ପରେ ବାଣିଗୋଛା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସରପଞ୍ଚ ସସ୍ମିତା ମହାଖୁଡ଼ ଏ ସଂକ୍ରାନ୍ତରେ ଏକ ଖବରଦାତା ସମ୍ମିଳନୀରେ ଦର୍ଶାଇଛନ୍ତି, ଦାମୋଦର ନାୟକ ପୂର୍ବରୁ ବାଣିଗୋଛା ପଞ୍ଚାୟତରେ ନାଏବ ସରପଞ୍ଚ ଥିବା ବେଳେ ଚତୁରତାର ସହ ସରପଞ୍ଚଙ୍କ ସିଲ୍ ପାଖରେ ରଖିଥିଲେ । ଗତ ୬ମାସ ହେବ ଦାମୋଦର ଏହି ସିଲ୍‌କୁ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିଆସୁଥିଲେ । ମାତ୍ର ଏକ ଘରୋଇ ସଂସ୍ଥାଠାରୁ ଲୋନ ନେବାକୁ ଉକ୍ତ ସିଲ୍ , ସରପଞ୍ଚଙ୍କ ଦସ୍ତଖତ କରି ଫାଇନାନ୍ସ କମ୍ପାନୀରେ ଜମା ଦେଇଥିଲେ, ଯାହାକି ତାଙ୍କୁ ଧରା ପକାଇଥିଲା । ବାଣିଗୋଛା ଥାନା ପୋଲିସ ଦାମୋଦରଙ୍କୁ ଅଟକ ରଖି ପଚରାଉଚୁରା କରୁଥିଲା । ତେବେ ଉଭୟଙ୍କ ମଧରେ ଚୁକ୍ତିନାମା ମାଧମରେ ଆପୋସ ସମାଧାନ ହୋଇଥିବା ବାଣିଗୋଛା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକ ସୂଚନା ଦେଇଛନ୍ତି ।

### ରୁବିନା ହତ୍ୟା ଘଟଣା,ଅଟକ ଯୁବକ ଜେଲ ଗଲେ

**ଖଣ୍ଡପଡ଼ା,୨୨।୧୦(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ବଡ଼ବାଣପୁର ପଞ୍ଚାୟତ କୁମୁଣ୍ଡି ଗ୍ରାମର ରୁବିନା ନାୟକ ନାମ୍ନୀ ଜଣେ ଯୁବତୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଅଟକ ଥିବା ଗଣିଆ ଥାନା ଅଧୀନ ପତୁରିଆ ଗ୍ରାମର ସର୍ବେଶ୍ୱର ରାଉତଙ୍କୁ ପୋଲିସ ଶନିବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ, ମୃତ ଯୁବତୀଙ୍କ ମାଆ କଲ୍ୟାଣୀ ନାୟକଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ଖଣ୍ଡପଡ଼ା ଥାନାରେ ଏକ ମାମଲା(ନଂ.୨୩୯/୨୨) ରୁଜୁ ହୋଇଛି । ଏ ଘଟଣାରେ ୮ଜଣଙ୍କ ନାମରେ ଅଭିଯୋଗ ହୋଇଥିବା ଆଇଆଇସି ରମେଶ କୁମାର ଦେବତା କହିଛନ୍ତି ।

## ସମାନ ଦରମା, ନିୟମିତ ଦାବି ତେଜିଲା

### ଆଉଟସୋର୍ସିଂ କର୍ମଚାରୀଙ୍କ ସମାବେଶ

ନୟାଗଡ଼ ଅଫିସ,୨୨।୧୦

ନୟାଗଡ଼ ଜିଲା ସଦର ମହକୁମାରେ ଆଉଟସୋର୍ସିଂ କର୍ମଚାରୀଙ୍କ ଏକ ସମାବେଶ ପୁରୁଣା ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଘର ଜିଲା ସଭାପତି ମନୋଜ କୁମାର ସାହୁ ଅଧକ୍ଷତା କରିଥିଲେ । ସମାନ କାମକୁ ସମାନ ଦରମା ସହ ନିୟମିତ କରିବାକୁ ସରକାରଙ୍କ ଉପରେ ଚାପ ପକାଇବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ୨ଟି ଦାବି ପୂରଣ କରିବା ପାଇଁ ଆଉଟସୋର୍ସିଂ କର୍ମଚାରୀ ଆନ୍ଦୋଳନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସରକାର ୨ଟି ଦାବିକୁ ପୂରଣ ନ କଲେ ରାଜ୍ୟରେ ଆନ୍ଦୋଳନ କରାଯିବାକୁ ଧମକ ଦେଇଛନ୍ତି।

ଅଭିଯୋଗ ଅନୁସାରେ ଗତ ୧୫ ତାରିଖରେ ରାଜ୍ୟରୁ ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ ହୋଇଛି । ଏନେଇ ରାଜ୍ୟ କ୍ୟାବିନେଟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯାଇ ଚୁକ୍ତିଭତ୍ତିକ ନିଯୁକ୍ତି ବ୍ୟବସ୍ଥାର ଉଚ୍ଛେଦ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଥିଲା । ଏଥି ଯୋଗୁ ରାଜ୍ୟର ୫୭ ହଜାର ସରକାରୀ ଚୁକ୍ତି ଭିତ୍ତକ କର୍ମଚାରୀ ନିୟମିତ ହେବେ ବୋଲି କୁହାଯାଇଥିଲା । ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀପାବଳି ଭେଟି ବୋଲି କୁହାଯାଇଥିଲା । ହେଲେ ଆଉଟସୋର୍ସିଂ କର୍ମଚାରୀ ଏଥିରୁ ବାଦ୍ ପଡିବା ପରେ ଅସନ୍ତୋଷ ଦେଖାଦେଇଛି । ଏଣୁ ଆଉଟର୍ସୋସିଂ କର୍ମଚାରୀ ଏକତ୍ରିତ ହୋଇ ସେମାନଙ୍କ ଅସୁବିଧା ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି । ଏନେଇ ଜିଲା ସଭାପତି ମନୋଜ କୁମାର ସାହୁ କୁହନ୍ତି, ସମାନ କାମକୁ ସମାନ ଦରମା ସହ ଚାକିରି ନିୟମିତ କରିବା ଆମର ଦାବି ରହିଛି । ସରକାର ଦାବି ପୂରଣ ନ କଲେ ଆମେ ବାଧ ହୋଇ ଆନ୍ଦୋଳନ କରିବୁ ବୋଲି କହିଛନ୍ତି ।


ଆଉଟସୋର୍ସିଂ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ମହୁମାଛି ଆକ୍ରମଣରେ ଦମ୍ପତି ଗୁରୁତର



ଭାପୁର,୨୨।୧୦(ଡି.ଏନ.ଏ.)

ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ବ୍ଲକ ପାର୍ବତୀପୁର ଗ୍ରାମର ପ୍ରଫୁଲ୍ଲ କୁମାର ବାରିକ ଓ ତାଙ୍କର ସ୍ତ୍ରୀ ସରୋଜିନୀ (୫୦) ମହୁମାଛି ଆକ୍ରମଣରେ ଗୁରୁତର ହୋଇଛନ୍ତି । ଉଭୟଙ୍କୁ ଭାପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ, ପ୍ରଫୁଲ୍ଲ ଓ ସରୋଜିନୀ ବାଇକ୍‌ରେ ରାଣୀଛେଳିର ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ । ସେଠାରୁ ଫେରୁଥିବା ସମୟରେ ବାଟରେ ବାଘୁଆ ମହୁମାଛି ଆକ୍ରମଣ କରିଥିଲେ । ଫଳରେ ଏହି ଦମ୍ପତି ବାଇକ୍‌ରୁ ପଡି ଗୁରୁତର ହୋଇଥିଲେ । ସ୍ଥାନୀୟ ଯୁବକମାନେ ସେମାନଙ୍କୁ ଉଦ୍ଧାର କରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଭର୍ତ୍ତି କରିଥିଲେ ।

## ବେପାରୀଙ୍କ ହାତରେ ହିତାଧିକାରୀଙ୍କ ରାଶନ ଚାଉଳ

ନୂଆଗାଁ,୨୨।୧୦(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ବେପାରୀମାନଙ୍କ ପାଖରେ ଦେଖିବାକୁ ମିଳିଛି ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଆଇନରେ ମିଳୁଥିବା ରାଶନ ଚାଉଳ । ଗୁରବାର ଜଣେ ବେପାରୀ ୩ କୁଇଣ୍ଟାଲ ଚାଉଳ ନିଜ ବାଇକରେ ନେଇ ଯାଉଥିବା ଅଭିଯୋଗ ହୋଇଛି । ଦାରିଦ୍ର୍ୟର ସୀମାରେଖା ତଳେ ଥିବା ଲୋକଙ୍କୁ ଖାଦ୍ୟ ଯୋଗାଇ ଦେବା ପାଇଁ ସରକାର ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରିଛନ୍ତି। ସେହି ଆଧାରରେ ପ୍ରତି ମାସରେ ଜଣ ପିଛା ୫ କେଜି ଚାଉଳ ଦେବା ସହ ଅସହାୟ ବ୍ୟକ୍ତିମାନଙ୍କ ପରିବାର ପାଇଁ ଅନ୍ତ୍ୟୋଦୟ ଯୋଜନାରେ ୩୫ କେଜିଚାଉଳ ଯୋଗାଇ ଦେଉଛନ୍ତି । ତେବେ ଅନେକ ସ୍ଥାନରେ ଦାୟିତ୍ୱରେ ଥିବା ଅଧିକାରୀ , କର୍ମଚାରୀ ଓ ଡିଲର ଖାଦ୍ୟ ସୁରକ୍ଷା ଆଇନର ଅସଦ୍‌ବ୍ୟବହାର କରି ହିତାଧିକାରୀଙ୍କ ସାମଗ୍ରୀକୁ ଆତ୍ମସାତ୍ କରୁଛନ୍ତି । ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତର ପୂର୍ବତନ ପିଇଓ ୮ କୁଇଣ୍ଟାଲ ଚାଉଳ ଆତ୍ମସାତ୍ କରିଥିବା ବେଳେ ପୁନର୍ବାର ଗୁରବାର ଜଣେ ବେପାରୀ ପିଡିଏସ୍ ଲେଖା ହୋଇ ସିଲ୍ ଥିବା ୬ ବସ୍ତା ( ୩ କୁଇଣ୍ଟାଲ) ଚାଉଳ ନିଜ ଗାଡ଼ିରେ ନେଇ ଯାଉଥିବା ଅଭିଯୋଗ ହୋଇଥିଲା । ତେବେ ସେହି ବେପାରୀକୁ ପଚାରିବାରେ ମୁଁ ଉଦୟପୁର ଓ କୋରଡା ପଞ୍ଚାୟତର ଲୋକମାନଙ୍କଠାରୁ କିଣି ଆଣିଛି ବୋଲି କହିଥିଲେ । ଏ ବାବଦରେ ନୂଆଗାଁ ଯୋଗାଣ ନିରୀକ୍ଷକ ବି.ହର୍ଷଙ୍କୁ ପଚାରିବାରେ ଲୋକମାନେ ଚାଉଳ ବିକ୍ରୀ କଲେ ଆମେ କ'ଣ କରିପାରିବୁ ବୋଲି କହିଛନ୍ତି ।


ବେପାରୀ ଚାଉଳ ବସ୍ତା ଗାଡ଼ିରେ ନେଉଛନ୍ତି ।

## ନୂଆଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅବ୍ୟବସ୍ଥା

■୧୧ଟା ସୁଦ୍ଧା ଆସୁ ନାହାନ୍ତି କର୍ମଚାରୀ
■ହେଉନି ଅଧିକାରୀଙ୍କ ପଦବୀ ପୂରଣ

ନୂଆଗାଁ,୨୨।୧୦ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନାନା ଅବ୍ୟବସ୍ଥାରେ ଚାଲୁଥିବା ଅଭିଯୋଗ ହେଉଛି । ନୂଆଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ରହିଛି ନୂଆଗାଁ ବ୍ଲକର ୨୨ ପଞ୍ଚାୟତର ୧୭୯ଟି ସ୍କୁଲ । ଉପରୋକ୍ତ ସ୍କୁଲର କାର୍ଯ୍ୟକୁ ତଦାରଖ କରିବା ପାଇଁ ୧୩ କ୍ଲଷ୍ଟରରେ ବିଭକ୍ତ କରାଯାଇଛି । ସେହି କ୍ଲଷ୍ଟର ଦାୟିତ୍ୱରେ ଥିବା ସିଆରସିସିମାନେ ସେମାନଙ୍କ କାର୍ଯ୍ୟ ସୂଚାରୁ ରୂପେ ତୁଲାଉଛନ୍ତି କି ନାହିଁ କିମ୍ବା ସ୍କୁଲଗୁଡିକ ସଠିକ୍ ଭାବେ ପରିଚାଳିତ ହେଉଛି କି ନାହିଁ ସେଥିପାଇଁ ୩ ଜଣ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ପୂର୍ବରୁ ନିଯୁକ୍ତି କରାଯାଇଥିଲା। ଜୁନ୍ ମାସରୁ ଜଣେ ଅତିରିକ୍ତ ବ୍ଲକ୍ ଶିକ୍ଷାଅଧିକାରୀ ଅବସର ଗ୍ରହଣ କରିସାରିଛନ୍ତି । ସେହି ପଦବୀରେ କାହାରିକୁ ନିଯୁକ୍ତି ଦିଆଯାଇନାହିଁ । ଯାହାଫଳରେ ୩ ଜଣଙ୍କ ଦାୟିତ୍ୱ ୨ଜଣ ତୁଲାଉଛନ୍ତି । ସେହିପରି ଗତ ମେ'ମାସରୁ ବ୍ଲକ ଶିକ୍ଷାଧିକାରୀ ଅବସର ଗ୍ରହଣ କରି ସାରିଛନ୍ତି । ସେଦିନଠାରୁ ବ୍ଲକ ଶିକ୍ଷାଧିକାରୀଙ୍କ ପଦବୀ ଖାଲି ପଡିଥିବା ବେଳେ ନୟାଗଡ଼ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ସେହି ଦାୟିତ୍ୱରେ ରହିଛନ୍ତି। ବିଇଓ ଦାୟିତ୍ୱରେ ଥିବା ଏଡିଇଓ ସବୁ ବେଳେ ନୟାଗଡ଼ରେ ରହୁଥିବାରୁ ନୂଆଗାଁ ବିଇଓ କାର୍ଯ୍ୟାଳୟର ଅନେକ ଦାୟିତ୍ୱ ନୂଆଗାଁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର କରଙ୍କୁ ଦିଆଯାଇଥିବା କହିଛନ୍ତି ଏଡିଇଓ ନାୟକ । ତେବେ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଦାୟିତ୍ୱର ଅଦଳବଦଳରେ ଭୁଷୁଡି ପଡିଛି ଦାୟିତ୍ୱବୋଧ। ଫଳରେ କର୍ମଚାରୀମାନେ କାର୍ଯ୍ୟାଳୟର ସରକାରୀ ନିୟମ ଅନୁସାରେ ନ ଆସି ନିଜ ସୁବିଧା ଦେଖି ଆସୁଥିବା ଅଭିଯୋଗ ହେଉଛି। ୧୧ଟା ସୁଦ୍ଧା କାଁଭାଁ କର୍ମଚାରୀ କାର୍ଯ୍ୟାଳୟ ଆସୁଛନ୍ତି । ଫଳରେ ଅଧିକାଂଶ ଚେୟାର ଖାଲି ରହୁଛି । ଏ ସଂକ୍ରାନ୍ତରେ ଶିକ୍ଷାଧିକାରୀଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କରଙ୍କୁ ପଚାରିବାରେ ସେ ଦୁଃଖର ସହ ନିଜର ଅସହାୟତା ପ୍ରକାଶ କରିଥିଲେ । ଏହି କର୍ମଚାରୀମାନଙ୍କୁ କିଛି କହିବାର ଅଧିକାର ମୋର ନାହିଁ । କହିଲେ ବି କେହି ଶୁଣିବାକୁ ନାରାଜ । ଏଠି ମୋତେ ଅଣଦେଖା କରାଯାଇଛି । ଅନ୍ୟ କର୍ମଚାରୀମାନେ ଭଲ ଚେୟାର ଓ ବଡ ଟେବୁଲ ବ୍ୟବହାର କରୁଥିଲେ ମଧ୍ୟ ବିଇଓଙ୍କ କୋଠରୀରେ ପଡିଥିବା ବଡ ଟେବୁଲକୁ ନେଇଯାଇ ମୋତେ ଛୋଟିଏ ଟେବୁଲଟିଏ ଦିଆଯାଇଛି । କାର୍ଯ୍ୟାଳୟରେ ନା ପାଣିର ସୁବିଧା ଅଛି ନା ଅଛି ଶୌଚାଳୟର ସୁବିଧା । ଏସବୁର ପ୍ରତିବାଦ କଲେ ଦରମା ବନ୍ଦ ହୋଇ ଯିବାର ସମ୍ଭାବନା ଥିବାରୁ ଚୁପ୍ ରହିଛି ବୋଲି କହିଛନ୍ତି ଏବିଇଓ କର । ଏ ବାବଦରେ ଏଡିଇଓ ନାୟକଙ୍କୁ ପଚାରିବାରେ ଅଭିଯୋଗ ସବୁର ତଦନ୍ତ କରିବି ବୋଲି କହିଛନ୍ତି ।



ନୂଆଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ।

## ସଂକ୍ଷେପରେ

### ସୁନା ଗହଣା, ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ପୁରୁଷୋତ୍ତମପୁର,୨୨ା୧୦(ଡି.ଏନ.ଏ.)- ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସହରରେ ପୁଣି ଲୁଟେରାମାନେ ସକ୍ରିୟ ହୋଇଛନ୍ତି। ରଥସାହିର ଇ. କୈଳାସ ଚନ୍ଦ୍ର ଦୋରା ଘର ତାଲାପକାଇ ତାଙ୍କ ପୁଅ ପାଖକୁ ପରିବାର ସହ ଯାଇଥିଲେ। ଏହାର ସୁଯୋଗ ନେଇ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ତାଙ୍କ ଘର ଦାଣ୍ଡପଟୁ ଗ୍ରିଲଭାଙ୍ଗି ଘରେଥିବା ଥିବା ଲୁଗା ପଟା ଓ ଜିନିଷପତ୍ର ଫିଙ୍ଗା ଫୋପଡା କରିବା ସହ ଆଲମାରି ମଧ୍ୟରେ ଥିବା ସୁନା ଓ ରୁପା ଗହଣା, ଅଳଙ୍କାର ସହ ତିରିଶି ହଜାର ଟଙ୍କା ଲୁଟି ନେଇଛନ୍ତି। ଘର ମାଲିକ ପୋଲିସରେ ଅଭିଯୋଗ କରିଛନ୍ତି।

### ବାଣ ଜବତ, ଯୁବକ ଗିରଫ

ବୁଗୁଡା,୨୨ା୧୦(ଡି.ଏନ.ଏ.)-ବୁଗୁଡା ଥାନା ଅନ୍ତର୍ଗତ ନିମପଦର ଗ୍ରାମରେ ଶୁକ୍ରବାର ରାତିରେ ପୋଲିସ ଚଢାଉ କରି ୩୦ ହଜାର ଟଙ୍କାର ବିଭିନ୍ନ ପ୍ରକାର ବାଣ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି। ଗିରଫ ଯୁବକ ଜଣଙ୍କ ହେଲେ ନିମପଦର ଗ୍ରାମର ଗୋବିନ୍ଦ ଚନ୍ଦ୍ର ସାହୁ। ଏ ନେଇ ବୁଗୁଡା ଥାନାରେ ନଂ. ୬୧୮/୨୨ ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ପ୍ରକାଶ ଯେ ନିମପଦର ଗ୍ରାମର ଗୋବିନ୍ଦ ବାଣ ବିକ୍ରୟ ପାଇଁ ବେଆଇନ ଭାବରେ ଗୋଟିଏ ଟେଣ୍ଟ ହାଉସ୍ ଭିତରେ ତାହାକୁ ଲୁଚାଇ ରଖିଥିଲେ। ତେବେ କୌଣସି ସୂତ୍ରରୁ ଖବର ପାଇ ଥାନା ପୋଲିସ ସଦଳବଳେ ଶୁକ୍ରବାର ରାତିରେ ଚଢାଉ କରି ୩୦ହଜାର ଟଙ୍କାର ବିଭିନ୍ନ ବାଣ ଜବତ କରି ତାଙ୍କୁ ଗିରଫ କରିଥିଲେ।

### ବ୍ଲକସ୍ତରୀୟ ଟିବି ମୁକ୍ତ ଅଭିଯାନ

ଚିକିଟି,୨୨ା୧୦(ଡି.ଏନ.ଏ.)-ଗଞ୍ଜାମ ଜିଲା ଚିକିଟି ଗଡ଼ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଶନିବାର ବ୍ଲକସ୍ତରୀୟ ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଚିକିଟି ବିଡ଼ିଓ ହଳଧର ଶବରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମେଡିକାଲ ଇନଚାର୍ଜ ଡ଼ାକ୍ତର ମନୋଜ କୁମାର ପାଢ଼ୀ, ଏନ୍ଏସି ଅଧକ୍ଷା, ଚିକିଟି ବ୍ଲକ ଅଧକ୍ଷ ଆପନା ସେଠୀ, ସହକାରୀ ଯନ୍ତ୍ରୀ ଉଦୟ ପ୍ରଧାନ ସମେତ ବିଭିନ୍ନ ବ୍ଲକ କର୍ମଚାରୀ ଏବଂ ପଞ୍ଚାୟତ ପ୍ରତିନିଧି ଉପସ୍ଥିତି ରହି ଟିବି ରୋଗୀମାନଙ୍କୁ ତଦାରଖ କରିବା ପାଇଁ ନିକ୍ଷୟ ମିତ୍ରଙ୍କ ସହାୟତାରେ ୨୦୨୫ ସୁଦ୍ଧା ଟିବି ରୋଗକୁ ସମୂଳେ ବିନାଶ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ସ୍ଥିର କରାଯାଇଥିଲା। ବିପିଏମ ରାମଚନ୍ଦ୍ର ସାହୁ ବୈଠକ ପରିଚାଳନା କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଐତିହାସିକ: ଜିଲା ବିଜେଡି

ଛତ୍ରପୁର,୨୨ା୧୦(ଡି.ଏନ୍.ଏ)- ଗଞ୍ଜାମ ଜିଲା ଛତ୍ରପୁର ତହସିଲ ଅଧୀନ କାଳିପଲ୍ଲୀ ମୌଜାରେ ଟାଟାର ବୃହତ୍ ଇସ୍ପାତ ପ୍ରକଳ୍ପ ପାଇଁ ଅଧିଗୃହୀତ ଜମି ଏବେ ମୂଳ ଖାତାଧାରୀ ଲୋକଙ୍କୁ ଫେରାଇ ଦିଆଯିବ। ଇସ୍ପାତ କାରଖାନା ପାଇଁ ଅଧିଗୃହୀତ ଜମି ମଧ୍ୟରୁ କାଳିପଲ୍ଲୀ ମୌଜାର ୨୦୬.୬୮୫ ଏକର ଜମି ବ୍ୟବହୃତ ନ ହୋଇ ୨୫ ବର୍ଷ ହେଲା ପଡି ରହିଥିଲା। ଏବେ ଉକ୍ତ ଜମିକୁ ବୃହତ୍ ମୂଳଖାତା ରୟତ କିମ୍ବା ସେମାନଙ୍କ ଉତ୍ତରାଧିକାରୀମାନଙ୍କୁ ଫେରସ୍ତ କରିବା ପାଇଁ ରାଜ୍ୟ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି। ଏଥିସହ ଜମି ଦେଇ ପାଇଥିବା କ୍ଷତିପୂରଣ ରାଶି ମୂଳ ଖାତାଧାରୀ ଫେରସ୍ତ କରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଏଥିପାଇଁ ଗଞ୍ଜାମ ଜିଲା ବିଜେଡି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଛତ୍ରପୁରଠାରେ ହୋଇଥିବା ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଯାଇଛି। ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଜିଲାପରିଷଦ ସଭ୍ୟ ଏମ୍. ଧନଞ୍ଜୟ ରେଡ୍ଡୀ, ବିଜେଡି ସମ୍ପାଦକ ଚନ୍ଦ୍ରମଣି ପାତ୍ର, ଟି. ଚନ୍ଦ୍ରଶେଖର ରାଓ ପ୍ରମୁଖ ଏହି ନିଷ୍ପତ୍ତି ଐତିହାସିକ ବୋଲି କହିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

### ପ୍ରାଥମିକ ଶିକ୍ଷକ ସଂଘର ଆନ୍ଦୋଳନ ନିଷ୍ପତ୍ତି

ଦିଗପହଣ୍ଡି,୨୨ା୧୦(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ନୂତନ ପେନସନ ଯୋଜନା ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଏକ ଆଲୋଚନା ସଭା ଶନିବାର ପାଣି ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଘ ଉପସଭାପତି ଉପେନ୍ଦ୍ର କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସଭାପତି ରାଜେନ୍ଦ୍ର କୁମାର ଗୌଡ ସଭାପତିତ୍ୱ କରିଥିବା ବେଳେ ଆଇନ ପରାମର୍ଶଦାତା ହରପ୍ରସାଦ ରଥ ଅତିଥି ଭାବେ ଯୋଗ ଦେଇଥିଲେ। ସରକାରଙ୍କ ଠିକା ନିଯୁକ୍ତି ଉଚ୍ଛେଦ ଘୋଷଣା ଉପରେ ଆଲୋଚନା କରାଯାଇ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଏଥିରୁ ବଞ୍ଚିତ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ଏକ ନିନ୍ଦା ପ୍ରସ୍ତାବ ଗୃହୀତ ହେବା ସଙ୍ଗେସଙ୍ଗେ ପାତରଅନ୍ତର ନୀତି ପରିହାର କରି ତୁରନ୍ତ ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ ନିୟମିତ କରାନଗଲେ ସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନିଆଯାଇଥିଲା।

# ଆଦିବାସୀ ଆଦାନପ୍ରଦାନ କାର୍ଯ୍ୟକ୍ରମରେ କନ୍ଧମାଳ ଦ୍ୱିତୀୟ

**ଫୁଲବାଣୀ ଅଫିସ, ୨୨ା୧୦**

ଗୁଜୁରାଟ ଅହମଦାବାଦରେ ଶେଷ ହୋଇଥିବା ୧୪ତମ ଆଦିବାସୀ ଆଦାନ ପ୍ରଦାନ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲା ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲାକୁ ଏହି ସଫଳତା ମିଳିଛି। କାର୍ଯ୍ୟକ୍ରମରେ ଭାଗ ନେଇଥବା ଯୁବତୀ ଯୁବକମାନେ ଜିଲାର ପାରମ୍ପରିକ ଆଦିବାସୀ ନୃତ୍ୟ ସହ ଚାଲିଚଳଣୀ ଏବଂ ପ୍ରଥା ଉପରେ ନୃତ୍ୟଗୀତ, ଅଭିନୟ ମାଧ୍ୟମରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ। ଦଳର ଏହି ସଫଳତା ପାଇଁ ଜିଲାର ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

ସୁଚନାଯୋଗ୍ୟ, ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ତୁମୁଡିବନ୍ଧ ବ୍ଲକ ମୁଣ୍ଡିଗୁଡା ଗ୍ରାମର ୪୦ଜଣ ଯୁବତୀଯୁବକ ଆଦିବାସୀ ଆଦାନପ୍ରଦାନ କାର୍ଯ୍ୟକ୍ରମରେ ଭାଗ ନେବାକୁ ଗତ ୧୩ ତାରିଖରେ ଅହମଦାବାଦ ଯାଇଥିଲେ। ବାଲିଗୁଡା ସିଆରପିଏଫର ଏକ୍ସପର୍ଟ ଭାବେ ପ୍ରେମାନନ୍ଦ ଭୋଇ, ପ୍ରହ୍ଲାଦ ରାଇ, ସ୍ୱର୍ଣ୍ଣଲତା ମହାପାତ୍ର, ନିଦାନ ନାରାୟଣ ନମ ଏବଂ ନେହରୁ ଯୁବ କେନ୍ଦ୍ର ଫୁଲବାଣୀର କୁନ୍ଦନ କୁମାର ନାୟକ ଏହି ଟିମରେ ଯାତ୍ରା କରିଥିଲେ। ଦଳ ସଫଳତାରେ ଏନ୍‌ୱାଇକେ ଜିଲା ଯୁବ ଅଧିକାରୀ ନଭନୀତ କୁମାର, ସହକର୍ମୀ ତାପସ କୁମାର ସାହୁ, ସତ୍ୟବାନ ଦଳବେହେରା ପ୍ରମୁଖଙ୍କ ମୁଖ୍ୟ ଭୂମିକା ରହିଛି।



ବିଜେତା ଦଳ।

## କ୍ୱାଇଁଙ୍କ ଅର୍ଥ ହଡ଼ପ ନେଇ ଶାଶୁ ଶ୍ୱଶୁରଙ୍କ ନାମରେ ଏତଲା

**ପୋଲସରା,୨୨ା୧୦(ଡି.ଏନ.ଏ.)**

ଅର୍ଥ ହଡପ ନେଇ ଶାଶୁ ଶ୍ୱଶୁରଙ୍କ ନାମରେ ପୋଲସରା ଥାନାରେ ଏତଲା ଦେଇଛନ୍ତି କ୍ୱାଇଁ। ପୋଲସରା ଲୁଣିଘାଟିର ପଦ୍ମ ଲୋଚନ ନନ୍ଦ ସେହି ୱାର୍ଡର ସ୍ୱାଗତିକା ମିଶ୍ରଙ୍କୁ ୨୦୧୦ରେ ବିବାହ କରିଥିଲେ। ଦୁହେଁ ଦିଲ୍ଲୀର ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତି। ସ୍ତ୍ରୀ ସ୍ୱାଗତିକା, ଶ୍ୱଶୁର ସନାତନ ଓ ଶାଶୁ ସଂଯୁକ୍ତା ମିଶି ପଦ୍ମଙ୍କ ପାଇଁ ଜମି ଓ ଘର କିଣିବା ନେଇ ପ୍ରବର୍ତ୍ତାଇ ଥିଲେ। ପଦ୍ମ ଅନ୍‌ଲାଇନ ଯୋଗେ ଶାଶୁ ଓ ଶ୍ୱଶୁରଙ୍କ ନିକଟକୁ ଘର ନିର୍ମାଣ ଓ ଜମି କିଣିବା ନେଇ ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପଠାଇଥିଲେ। ଶାଶୁ ଶ୍ୱଶୁର ଦୁହେଁ ପଦ୍ମଙ୍କ ନାମରେ କୌଣସି କାଗଜପତ୍ର ନ କରି ନିଜ ନାମରେ କରିଥିବା ଜଣାପଡ଼ିଛି। ଏହା ଜାଣିବା ପରେ ପଦ୍ମ ତାଙ୍କ ନାମରେ ପଞ୍ଜୀକରଣ କରିବା ପାଇଁ କହିବା ପରେ ତାଙ୍କୁ ଅଣଦେଖା କରିଛନ୍ତି। କ୍ୱାଇଁ ସମସ୍ତ ଟଙ୍କା ଦେବାକୁ କହିବାରୁ ଗାଳିଗୁଲଜ କରିବା ସହ ଗୁଣ୍ଡା ଲଗାଇ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ଏ ନେଇ ପୋଲସରା ଥାନାରେ ଗତ ମାସ ୩ ତାରିଖରେ ପଦ୍ମ ଏତଲା ଦେଇଛନ୍ତି। ନଂ ୩୫୦/୨୦୨୨ ଅନୁଯାୟୀ ୨୯୪, ୫୦୬, ୪୦୩, ୪୨୦, ୩୪ ଧାରାରେ ମକଦ୍ଦମା ରୁଜୁ ହୋଇଛି। ପୋଲିସ ଏହାର ତଦନ୍ତ ଚାଲୁରଖିଛି। ଅନ୍ୟପଟେ ଗତ ଅଗଷ୍ଟ ୫ରେ ସ୍ୱାଗତିକା ଛାଡପତ୍ର ଦେବା ପାଇଁ କୋଦଳା କୋର୍ଟରେ କେସ୍ ଦାଏର କରିଛନ୍ତି। କୋର୍ଟରେ କେସ ବିଚାରାଧୀନ ରହିଛି। କୋର୍ଟ ଯାହା ନିଷ୍ପତ୍ତି ନେବ ମୁଁ ମାନିବା ପାଇଁ ପ୍ରସ୍ତୁତ। ସ୍ୱାଗତିକାଙ୍କ ବାପାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ, ଏହି ଗଣ୍ଡଗୋଳ ଯୋଗୁ ମୋର ମାନସିକ ସ୍ଥିତି ଠିକ୍ ନାହିଁ। କୌଣସି ଉତ୍ତର ଦେଇପାରିବି ନାହିଁ। ପୋଲସରା ଥାନା ଆଇଆଇସି ଜିତେନ୍ଦ୍ର କୁମାର ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ତଦନ୍ତ ଚାଲୁ ରହିଛି। ସ୍ୱାଗତିକା ମଧ୍ୟ ପଦ୍ମଙ୍କ ବିରୋଧରେ ଯନ୍ତ୍ରଣା ଦେଉଥିବା ନେଇ ଏତଲା ଦେଇଛନ୍ତି। ଏ ନେଇ କେସ ରେଜିଷ୍ଟ୍ରି ହୋଇଛି ବୋଲି ମଲ୍ଲିକ ସୂଚନା ଦେଇଛନ୍ତି।

## ଅଦାଲତରେ ହାଜର ହେଲେ ବିକ୍ରମ

### ବଟି ନ ଦେବାରୁ ଗୁଳିମାଡ଼ ମାମଲା

**ଆସିକା,୨୨ା୧୦(ଡି.ଏନ୍.ଏ.)**

୨୦୦୭ରୁ ୨୦୧୦ ତିନି ବର୍ଷ ମଧ୍ୟରେ ଗଞ୍ଜାମ ଜିଲାର ଆସିକା, ଭଞ୍ଜନଗର ସମେତ ଜିଲା ବାହାରେ ଘଟିଥିବା ହତ୍ୟା ଓ ହତ୍ୟା ଉଦ୍ୟମ ମାମଲାର ଅଭିଯୁକ୍ତ ବିକ୍ରମ ମଲ୍ଲିକଙ୍କୁ ଶନିବାର ଆସିକାସ୍ଥିତ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ହାଜର କରାଯାଇଥିଲା। ସମ୍ବଲପୁର ସର୍କଲ ଜେଲରେ ରହୁଥିବା ବିକ୍ରମଙ୍କୁ କଡା ସୁରକ୍ଷା ମଧ୍ୟରେ ଆଣି ଏହି ଅଦାଲତରେ ହାଜର କରାଯାଇଥିଲା। ୨୦୦୭ ଜୁଲାଇ ୨୬ରେ ଆସିକା ବିଜୁ ପଟ୍ଟନାୟକ ଛକ ଠାରେ ସନ୍ନ୍ୟାସୀ ଗୌଡଙ୍କୁ ବିକ୍ରମ ଓ ତାଙ୍କ ସହଯୋଗୀମାନେ ୫ ହଜାର ଟଙ୍କା ବଟି ମାଗିଥିଲେ। ତାହା ନଦେବାରୁ ସନ୍ନ୍ୟାସୀଙ୍କୁ ଗୁଳିମାଡ କରାଯିବା ସହ ବୋମା ଫିଙ୍ଗାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ଅନ୍ୟ ଅଭିଯୁକ୍ତମାନେ ଅଦାଲତରେ ହାଜର ହୋଇ ଜାମିନରେ ଯାଇଥିଲା ବେଳେ ବିକ୍ରମ ପ୍ରଥମ ଥର ଅଦାଲତରେ ହାଜର ହୋଇଥିଲେ। ମାଜିଷ୍ଟ୍ରେଟଙ୍କ ଅଦାଲତରେ ଦାଖଲ ପରେ ଏହି ମାମଲା ସଂପୃକ୍ତ ଅଦାଲତର ବିଚାର ପରିସର ବାହାରେ ଥିବାରୁ ମାମଲାକୁ ସ୍ଥାନୀୟ ଅତିରିକ୍ତ ଜିଲାଜଜଙ୍କ ଅଦାଲତକୁ ପଠାଇ ଦିଆଯାଇଥିଲା। ଅତିରିକ୍ତ ଜିଲାଜଜଙ୍କ ଅଦାଲତରେ ହାଜର ହେବା ପରେ ବିକ୍ରମଙ୍କୁ ପୁଣି ସମ୍ବଲପୁର ଜେଲକୁ ସ୍ଥାନାନ୍ତର କରାଯାଇଥିବା ତାଙ୍କ ଓକିଲ ଅଜିତ ଚୌଧୁରୀ ସୂଚନା ଦେଇଛନ୍ତି।

## ଜନ ଆରୋଗ୍ୟ ସମିତିର ଦ୍ୱିତୀୟ ବୈଠକ

### କହ୍ନେଇପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

**ଖଲ୍ଲିକୋଟ,୨୨ା୧୦(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ କହ୍ନେଇପୁରଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜନ ଆରୋଗ୍ୟ ସମିତିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟା ସୋନମ୍ ପଲେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଏବିଡିଓ କୃଷ୍ଣଚନ୍ଦ୍ର ରଥ, କହ୍ନେଇପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା. ଆକାଶ ମହାଣଣା, ଡ଼ା. ରବି ନାରାୟଣ ପାଢ଼ୀ, ସରପଞ୍ଚ ପ୍ରକାଶ ସାସମଲ, ମାଣିକ୍ୟପୁର ସରପଞ୍ଚ ଉଦୟନାଥ ବାରିକ, କନିଷ୍ଠ ଯନ୍ତ୍ରୀ ରିତେଶ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀ ନ ଥିଲେ। କାର୍ଯ୍ୟକ୍ରମରେ କହ୍ନେଇପୁର ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। କହ୍ନେଇପୁର ମେଡିକାଲର ବାଉଣ୍ଡରୀୱାଲ ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଭିନ୍ନ ସମୟରେ ଅସାମାଜିକ ଆଡ୍ଡା ଜମୁଥିବାରୁ ସିସି କ୍ୟାମେରା ଲଗାଯିବା, ଔଷଧୀୟ ଚାରା ରୋପଣ, କାୟାକଳ୍ପ ପ୍ରୋଜେକ୍ଟ ସୂଚାରୁ ରୂପେ କାର୍ଯ୍ୟ କରିବା, ଯୋଗ କ୍ଲାସ ସପ୍ତାହରେ ଦୁଇ ତିନି ଦିନ କରାଯିବା, ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ପାଇଁ ଷ୍ଟାଫ କ୍ୱାଟର ନିର୍ମାଣ, ସମସ୍ତ କର୍ମଚାରୀ ଡ୍ରେସକୋଡ ବ୍ୟବହାର କରିବା, ଏହାର ତଦାରଖ ପାଇଁ ପ୍ରତି ମାସରେ ଦୁଇଥର ପରିଚାଳନା କମିଟିର ବୈଠକ କରାଇବା ଆଦି ଉପରେ ଆଲୋଚନା ହୋଇଥିଲା। କହ୍ନେଇପୁର ଡ଼ାକ୍ତରଙ୍କୁ ଡେପୁଟେଶନରେ ଖଲ୍ଲିକୋଟ ସ୍ଥାନାନ୍ତର କରିବା ଯୋଗୁ ବହୁ ସମୟରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାୟୀ ଡ଼ାକ୍ତର ରହିବା ପାଇଁ କହ୍ନେଇପୁର ସରପଞ୍ଚ ପ୍ରକାଶ ସାସମଲ ପ୍ରସ୍ତାବ ଦେଇଥିଲେ ଏବଂ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇବା ପାଇଁ ସ୍ଥିର ହୋଇଥିଲା। ଏହି ବୈଠକରେ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ସୁଲୋଚନା ନାୟକ, ଡ଼ଲି ମହାନ୍ତି, ରୀତାଞ୍ଜଳି ବେହେରା ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଡ଼ା. ରବି ନାରାୟଣ ପାଢ଼ୀ ଏହାକୁ ପରିଚାଳନା କରିଥିଲେ।




ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀ ଓ ଅନ୍ୟମାନେ।

## ନୂତନ ବିଇଓଙ୍କ ଦାୟିତ୍ୱଗ୍ରହଣ

**ଶେରଗଡ,୨୨ା୧୦(ଡି.ଏନ.ଏ.)**

ଶେରଗଡ ବ୍ଲକ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ପ୍ରମୋଦ ଚନ୍ଦ୍ର ସେନାପତି ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ ପୂର୍ବତନ ବିଇଓ ଭାସ୍କର ଲେଙ୍କାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ବ୍ଲକରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବେ ବୋଲି ନୂଆ ବିଇଓ କହିଛନ୍ତି।

### ସ୍ପେଶାଲ ଡ୍ରାଇଭ, ୩୪ ଗାଡି ଜବତ

## ୪ ଦିନରେ ୯୦ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ

**ଛତ୍ରପୁର,୨୨ା୧୦(ଡି.ଏନ୍.ଏ.)**

ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟିର ନିର୍ଦ୍ଦେଶକ୍ରମେ ରାଜ୍ୟରେ ଆଞ୍ଚଳିକ ବିଭାଗ ପକ୍ଷରୁ ଗତ ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ୪ଦିନ ସ୍ପେଶାଲ ଡ୍ରାଇଭ ଚାଲିଥିଲା। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ରାଜପଥ ଓ ଜାତୀୟ ରାଜପଥରେ ଧରପଗଡ କରାଯାଇଥିଲା। ଗଞ୍ଜାମ ଆର୍‌ଟିଓ ମାନସ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ କଡାକଡି ଯାଞ୍ଚ ଚାଲିଥିଲା। ଯାଞ୍ଚ ବେଳେ ୯୦ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ଏଥିସହ ହେଲମେଟ ନ ପିନ୍ଧି ଧରା ପଡ଼ିଥିବା ୨୪୯ ଜଣ ବାଇକ ଚାଳକଙ୍କୁ ଜରିମନା ପକାଯାଇଛି। ସେହିଭଳି ୭୭ ଜଣ ଗାଡି ଚଳାଇବା ବେଳେ ସିଟ ବେଲ୍ଟ ପିନ୍ଧି ନ ଥିଲେ, ୧୧ଜଣ ଗାଡି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର କରୁଥିବା ବେଳେ ୧୬୬ ଜଣ ଦ୍ରୁତ ଗତିରେ ଗାଡି ଚଲାଉଥିଲେ। ୩୪ ଗାଡି ଜବତ କରାଯାଇଛି ଏବଂ ୩୪୧ ଜଣ ଅନ୍ୟାନ୍ୟ ବାବଦରେ ଧରାପଡିଛନ୍ତି। ୧ ଲକ୍ଷ ୫୫ ହଜାର ୮୫୦ଶହ ଟଙ୍କା ଜରିମନା ଆଦାୟ କରାଯାଇଥିବା ବେଳେ ବଳକା ଇ-ଚାଲାଣ କଟାଯାଇଥିବା ଗଞ୍ଜାମ ଆରଟିଓ ସୂଚନା ଦେଇଛନ୍ତି। ଯାଞ୍ଚରେ ବିଭାଗର ସମସ୍ତ ଅଧିକାରୀ ଓ ସ୍ଥାନୀୟ ପୋଲିସ ସାମିଲ ହୋଇଥିଲେ।

## ବିଶ୍ୱ ଧଳାବାଡ଼ି ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଆର.ଉଦୟଗିରି,୨୨ା୧୦(ଡି.ଏନ୍.ଏ.)**

ମୋହନା ବ୍ଲକ କଣ୍ଟେଇକୋଳି ଗ୍ରାମଠାରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟରେ ଅନୁଷ୍ଠାନର ସଭାପତି ଶରତ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ବିଶ୍ୱ ଧଳାବାଡି ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ ବୀର, ମୁଖ୍ୟବକ୍ତା ଭାବେ ପ୍ରମୁଖ ଶିକ୍ଷାବିତ୍ ମଧୁସୂଦନ ପାଢ଼ୀ ଓ ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ଉପଦେଷ୍ଟା ରବି ସାମନ୍ତରାୟ, ଅନୁଷ୍ଠାନର ସମ୍ପାଦକ ଦଣ୍ଡାସୀ ସାହୁ, ଅନୁଷ୍ଠାନର କାର୍ଯ୍ୟକାରୀ ଅଧକ୍ଷା ନରୋଜା ଜେନା ଓ ସ୍ଥାନୀୟ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଅତିଥିମାନେ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଦୃଷ୍ଟିବାଧିତ ଶିକ୍ଷକ ଏ. ଦୁର୍ଯ୍ୟୋଧନ ପାତ୍ର, ଯିଏ ଖୁବ୍ ସୁନ୍ଦର ଭାବେ ଧଳାବାଡିର ଆବଶ୍ୟକତା ଉପରେ ନିଜ ଅନୁଭବ ବଖାଣିଥିଲେ। ଏହାଦ୍ୱାରା କିପରି ଦୃଷ୍ଟିବାଧିତମାନେ ଉପକୃତ ହୋଇପାରିବେ ସେ ସମ୍ବନ୍ଧରେ ବୁଝାଇଥିଲେ। ପରେ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଅଶୋକ ଜେନା ପରିଚାଳନା କରିଥିଲେ। ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ନବବଧୂଙ୍କୁ ହତ୍ୟା ଅଭିଯୋଗ

**ଭଞ୍ଜନଗର,୨୨ା୧୦(ଡି.ଏନ୍.ଏ.)**

ଭଞ୍ଜନଗର ଥାନା ଅନ୍ତର୍ଗତ ବିଲିପଡା ଗ୍ରାମରେ ଶୁକ୍ରବାର ରାତିରେ ଜଣେ ନବବଧୂଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଶନିବାର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଥିଲା। ଅପରାହ୍ନରେ ସାଇଣ୍ଟିଫିକ ଟିମ ଆସି ଘଟଣାର ତଦନ୍ତ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ନବବଧୂଙ୍କ ସ୍ୱାମୀ ଓ ଅନ୍ୟ କେତେଜଣଙ୍କୁ ଅଟକ ରଖିଛି।

ପ୍ରକାଶ ଯେ, ସାରଦୁଳ ଗ୍ରାମର ପୂର୍ଣ୍ଣ ଆରୁଖଙ୍କ ଝିଅ ନାରାୟଣୀ ଗତ ଜୁଲାଇ ୫ରେ ବିଲିପଡାର ବିଭୂତିଙ୍କ ବିବାହ କରିଥିଲେ। ସେ ସମୟରେ ଯୌତୁକ ବାବଦକୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଦିଆଯାଇଥିଲା। ବିବାହର ମାସକ ପରେ ପୁଣି ଯୌତୁକ ଆଣିବା ପାଇଁ ଶାଶୁଘର ଲୋକେ ନାରାୟଣୀଙ୍କ ଉପରେ ଚାପ ପକାଇଥିଲେ। ବାପଘର ଲୋକେ ଅଧିକ ଯୌତୁକ ଦେଇ ନ ପାରିବାରୁ ନାରାୟଣୀଙ୍କୁ ନିର୍ଯାତନା ଦିଆଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ନାରାୟଣୀଙ୍କ ପରିବାର ଲୋକେ ଝିଅକୁ ବାରମ୍ୱାର ଫୋନ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଶାଶୁଘର ଲୋକେ ଫୋନ ଉଠାଇ ନାରାୟଣୀଙ୍କ ଦେହ ଭଲନାହିଁ, ଶୋଇଛି ବୋଲି କହିଥିଲେ। ଏଥିରେ ସନ୍ଦେହ କରି ବାପାଘର ଲୋକେ ଆସୁଥିବା ଜାଣି ଜାଣି ଶାଶୁଘର ପକ୍ଷରୁ ନାରାୟଣୀଙ୍କୁ ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ବଲସକୁମ୍ପା,୨୨ା୧୦-ଖଜୁରିପଡ଼ା ପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ କୁନ୍ଦା ଗ୍ରାମର ଦୁଃଶାସନ ମାଝି ପାଣିତୁଆ ଜଙ୍ଗଲକୁ ଶୌଚ ପାଇଁ ଯାଇଥିବା ବେଳେ ୨ଟି ଛୁଆ ଓ ଗୋଟିଏ ମା' ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। ଭାଲୁ ଆକ୍ରମଣରେ ଦୁଃଶାସନ ଗୁରୁତର ଆହତ ହୋଇ ପ୍ରଥମେ ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଓ ସେଠାରୁ ଫୁଲବାଣୀ ଜିଲାମୁଖ୍ୟ ଡାକ୍ତରଖାନାକୁ ରେଫର ହୋଇଛନ୍ତି। ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି।

## ସରପଞ୍ଚ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଶିବିରରେ ଯୋଗ ଦେଇଥିବା ସରପଞ୍ଚ ଓ ଅନ୍ୟମାନେ।

**ଫୁଲବାଣୀ ଅଫିସ, ୨୨ା୧୦**

ଫିରିଙ୍ଗିଆ ବ୍ଲକ ବନ୍ଧଗଡଠାରେ ସରପଞ୍ଚମାନଙ୍କୁ ନେଇ ୫ଦିନ ଧରି ଚାଲିଥିବା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ନିଜର ଦକ୍ଷତା ବଢାଇବା ପାଇଁ କିଛି ଶିକ୍ଷାର ଆବଶ୍ୟକତା ଅଛି ବୋଲି କହିଥିଲେ। ସ୍ୱାତୀର ସଂପାଦକ ଇଂ. ହରିଶଙ୍କର ରାଉତ ଉପସ୍ଥିତ ରହି ବିଭିନ୍ନ ପରାମର୍ଶଦେଇଥିଲେ। ତାଲିମ୍‌କାର୍ଯ୍ୟକ୍ରମରେ ଫୁଲବାଣୀ, ଖଜୁରିପଡା ଓ ଫିରିଙ୍ଗିଆର ୪୭ଟି ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ। ତାଲିମଦାତା ଭାବେ ମନୋଜ କୁମାର ପଟ୍ଟନାୟକ ଓ ନିରଞ୍ଜନ ବେହେରା ଯୋଗ ଦେଇଥିଲେ। ବିଭିନ୍ନ ଦିନରେ ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକଙ୍କ ସମେତ ଅନ୍ୟ ଜନପ୍ରତିନିଧି ଯୋଗ ଦେଇଥିଲେ। ବିଶ୍ୱରଞ୍ଜନ କର, ମନୋଜ କୁମାର ପ୍ରଧାନ, ପ୍ରଭାତ ନାୟକ, ବିନୋଦ ବେହେରା, ସସ୍ମିତା ବେହେରା, କିର୍ତ୍ତି ରେଡ୍ଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**କବିସୂର୍ଯ୍ୟନଗର/ପୋଲସରା/ଶେରଗଡ଼,୨୨ା୧୦(ଡି.ଏନ.ଏ.)**

କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ୯ ପଞ୍ଚାୟତରେ ଶନିବାର ବିଧାୟିକା ଲତିକା ପ୍ରଧାନଙ୍କ ନେତୃତ୍ୱରେ ଜରଡ଼ ରଘୁନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସେଠାରୁ ବିଜେଡି କର୍ମୀମାନଙ୍କ ସହ ଜରଡ଼ରେ ପଦଯାତ୍ରା ସାରି ଗୁଡ଼ିଆଳି ପଞ୍ଚାୟତ ପରେ ଗାଙ୍ଗପୁର, ଆଠଗଡ ପାଟଣା, ବାଉଁଶିଆ, ବୁଡାମ୍ବ, ବଡ଼ମହୁରୀ, ରିଷିପୁର ଓ ଖଜାପଲ୍ଲୀରେ ପଦଯାତ୍ରା ସହ ସଭା କରି ନବୀବ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଲୋକଙ୍କୁ ସଚେତନ କରାଇବା ସହ ଲୋକଙ୍କ ଅଭିଯୋଗ ଓ ଅସୁବିଧା ବୁଝିଥିଲେ। ପଦଯାତ୍ରାରେ ୯ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, କର୍ମୀ ଓ ଛାତ୍ର, ଯୁବ ବିଜେଡି କର୍ମକର୍ତ୍ତା, ଏନ୍ଏସି ଉପାଧକ୍ଷ ବିକ୍ରାନ୍ତ ସାହୁ, ପ୍ରାକ୍ତନ ବ୍ଲକ ଅଧକ୍ଷ ସନ୍ତୋଷ କୁମାର ପାଢ଼ୀ, ଯୁବନେତା ରାକେଶ କୁମାର ପ୍ରଧାନ, ନିର୍ବାଚନମଣ୍ଡଳୀ ସଭାପତି ରସଲ ଦାସଙ୍କ ସମେତ ବହୁ ବିଜୁ ପ୍ରେମୀ ଯୋଗ ଦେଇଥିଲେ।

ପୋଲସରା ବିଜେଡି ପକ୍ଷରୁ ଶନିବାର ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ବ୍ଲକର ୭ଟି ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପୋଲସରା ବ୍ଲକ ଘୋଡାପଲାଣ ପଞ୍ଚାୟତରୁ ଏହା ଆରମ୍ଭ ହୋଇଥିଲା। ବିଜୁ ଜନତା ଦଳ କର୍ମୀମାନେ ଏକ ପଟୁଆରରେ ବାହାରି ପଞ୍ଚାୟତର ବିଭିନ୍ନ ୱାର୍ଡକୁ ପରିକ୍ରମା କରିଥିଲେ। ସେହିପରି ପୋଲସରା ବ୍ଲକର ବାଲିଛାଇ ପଞ୍ଚାୟତ, ରୁମାଗଡ଼, ମନ୍ଦାର, କେନ୍ଦୁବାଡି, କଣଛାଇ ପଞ୍ଚାୟତ ତଥା ପରିଶେଷରେ ବେଲଗାଁ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷ କଳ୍ପନା ପ୍ରଧାନଙ୍କ ବେଲଗାଁ ପଞ୍ଚାୟତ ହୋଇଥିବାରୁ ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ ବିଭିନ୍ନ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ରନାଥ ପ୍ରଧାନ ଅଧକ୍ଷତା କରିଥିବା ବେଳେ ବିଜୁ ଯୁବ ଜନତା ଦଳ ସଭାପତି ସୁଶାନ୍ତ କୁମାର ପୋଲାଇ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନ,ଏନ୍ଏସି ପୂର୍ବତନ ଅଧକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ ଯୋଗ ଦେଇଥିଲେ।

ଶେରଗଡ଼ ବ୍ଲକ ବିଜେଡ଼ିର ପଦଯାତ୍ରାକୁ ୮ପଞ୍ଚାୟତର ଶତାଧିକ କର୍ମୀ ନେତା ସାମିଲ ହୋଇ ପିତ୍ତଳଠାରେ ସମାପ୍ତ କରିଛନ୍ତି। ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ହୀନ ବେହେରା, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଦିଗାମ୍ବର ନାହାକ, ଉଦୟନାଥ ପ୍ରଧାନ, ବୁଦ୍ଧା ପ୍ରଧାନ, ଦୁର୍ଗାପ୍ରସାଦ ବିଷୋୟୀ,ସରପଞ୍ଚ ରାମ ରାଘବ ପାତ୍ର,ଜିତେନ୍ଦ୍ର ମୁନି, କଳାକାର ପୃଷ୍ଟି, କାହ୍ନୁ ଚରଣ ପଟ୍ଟନାୟକ, ବରୁଣ ପଲେଇଙ୍କ ସମେତ ବହୁ ନେତା ମାନେ ସାମିଲ ଥିଲେ।